بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 9

ସମ୍ପାଦକ:

କମୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ

ବଦର୍

Weekly BADAR Qadian

କାଦିଆନ

Odia

ସଂଖ୍ୟା: 16-17

ବାର୍ଷିକ ଦେୟ : 600/-

www.akhbarbadr.in

8-15 ଶୱାଲ୍ 1445 ହି.କ, 18-25 ଶାହାଦତ୍ 1403 ହି.ଶ, 18-25 April -2024 ମସିହା


### ଅଲ୍ଲାଃତାଲାଙ୍କ ବାଣୀ

وَبِالۡحَقِّ اَنۡزَلۡنٰہُ وَبِالۡحَقِّ نَزَلَ ؕ وَمَاۤ اَرۡسَلۡنٰکَ اِلَّا مُبَشِّرًا وَّنَذِیۡرًا

(ବନି ଇସ୍ରାଇଲ୍-106)

ଅନୁବାଦ : ଏବଂ ଆମ୍ଭେ ଏହାକୁ (ଅର୍ଥାତ୍ ପବିତ୍ର କୁରଆନ୍ କରୀମକୁ) ସତ୍ୟ ଓ ତତ୍ତ୍ୱ ସହିତ ଅବତୀର୍ଣ୍ଣ କରିଅଛୁ ଏବଂ ଏହା ସତ୍ୟ ଓ ତତ୍ତ୍ୱ ସମ୍ବଳିତ ହୋଇ ଅବତୀର୍ଣ୍ଣ ହୋଇଅଛି ଏବଂ ଆମ୍ଭେ ତୁମ୍ଭଙ୍କୁ କେବଳ ସୁସମାଚାରଦାତା ଓ ସତର୍କକାରୀ ରୂପେ ପ୍ରେରଣ କରିଅଛୁ ।

### ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହୟାକ ହୁଅନ୍ତୁ । ଆମିନ୍ ।

### ଆଁହଜରତ ସ.ଅଙ୍କ ବାଣୀ

**ନମାଜରେ ଧାଡ଼ି ସିଧା ରଖିବା ଉଚିତ୍:**

ହ. ନୁମାନ୍ ବିନ୍ ବଶୀର୍ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ଆଁହଜରତ ସ.ଅଙ୍କ ଠାରୁ ଶୁଣିଅଛି ଯେ, ଆପଣ ସ.ଅ କହୁଥିଲେ, ତୁମମାନଙ୍କ ପକ୍ଷେ ଏହା ଉଚିତ୍ ହେବ ଯେ, ତୁମେମାନେ ନିଜର ଧାଡ଼ି ସଳଖ (ସିଧା) ରଖିବା ଉଚିତ୍ । ଅନ୍ୟଥା ଅଲ୍ଲାଃତାଲା ପରିଣାମ ସ୍ୱରୂପ ତୁମମାନଙ୍କର ମୁଖମଣ୍ଡଳ ଏବଂ ତୁମ ମାନଙ୍କର ହୃଦୟରେ ପ୍ରଭେଦର ବୀଜ ବପନ କରିଦିଆଯିବ । **(ବୁଖାରୀ କିତାବୁସ୍ ସଲାତ୍, ବାବ-ତସୱିୟତୁସ୍ ସୁଫୁଫ୍)**

**ବଜମାଅତ୍ ନମାଜରେ ଇମାମୁସ୍ ସଲାତଙ୍କ ପୂର୍ବରୁ ମୁଣ୍ଡ ଉଠାଇବା:**

ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ଇମାମୁସ୍ ସଲାତଙ୍କ ପୂର୍ବରୁ ମୁଣ୍ଡ ଉଠାଏ (ଟେକେ)ଏବଂ ସେ ଉକ୍ତ କଥାକୁ ଭୃକ୍ଷେପ କରେ ନାହିଁ ତେବେ ଅଲ୍ଲାଃତାଲା ତା'ର ମୁଣ୍ଡକୁ ଗଧର ମୁଣ୍ଡ ପରି କରିଦେବେ କିମ୍ବା ତା'ର ମୁଖମଣ୍ଡଳକୁ ଗଧ ପରି କରିଦେବେ । ଅର୍ଥାତ୍ ଏହିପରି ବ୍ୟକ୍ତି ଠାରୁ ବୁଦ୍ଧି ଏବଂ ଚାତୁର୍ଯ୍ୟତା ଛିନ୍ନ କରି ନିଆଯିବ ।

**(ମୁସଲିମ୍ କିତାବୁସ୍ ସଲାତ୍, ବାବ୍- ଅନ୍ ନହି ଅନିସ୍ ସବ୍‌କିଲ୍ ଇମାମ୍ ବିରୁକୁଇ)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

ନିଜର ସତ୍‌ସାହାସ ଏବଂ ଉଦ୍ୟମ ଉପରେ ଗର୍ବଭାବ ପ୍ରକାଶ କର ନାହିଁ ଏବଂ ଏହା ଭାବ ନାହିଁ ଯେ, ସେହି ସଫଳତା ତୁମର କୌଣସି ଯୋଗ୍ୟତା, ସାମର୍ଥ୍ୟତା ଏବଂ ପରିଶ୍ରମର ପରିଣାମ ଅଟେ । ବରଂ ଏହା ଭାବ ଯେ, ସେହି ଅଶେଷ ଦୟାବାନ ପ୍ରଭୁ ଯେକି କେବେ କୌଣସି ବ୍ୟକ୍ତିର ପ୍ରକୃତ ଉଦ୍ୟମକୁ ଅପଚୟ ତଥା ବୃଥା ହେବାକୁ ଦିଅନ୍ତି ନାହିଁ, ସେ ଆମମାନଙ୍କୁ ସାଫଲ୍ୟମଣ୍ଡିତ ଓ ଆମମାନଙ୍କୁ ପରିଶ୍ରମର ଫଳ ପ୍ରଦାନ କଲେ ।

---

ମୋର ଏହି ବିଶ୍ୱାସ ରହିଛି ଯେ, ଯଦି ମନୁଷ୍ୟ ସଂସାରରେ ପ୍ରତ୍ୟେକ ପ୍ରକାରର ତିରସ୍କାର ଏବଂ କଠୋରତାରୁ ମୁକ୍ତି ପ୍ରାପ୍ତ କରିବାକୁ ଚାହୁଁଛି ତେବେ ତା' ନିମନ୍ତେ କେବଳ ଏକମାତ୍ର ମାର୍ଗ ରହିଛି ଏବଂ ତାହା ଏହିକି ଯେ, ମନୁଷ୍ୟ ଧର୍ମପରାୟଣ ବ୍ୟକ୍ତି ହୋଇଯାଉ ।

**ସଂସାରିକ ସଫଳତା ଏବଂ ପ୍ରସନ୍ନତା ସାର୍ବକାଳୀନ ନୁହଁନ୍ତି :**

ମନୁଷ୍ୟ ସର୍ବଦା ସଫଳ ହେବା ଯୋଗୁଁ ଆନନ୍ଦିତ ହୋଇଥାଏ । ପବିତ୍ର କୁରଆନ୍ କରୀମ୍‌ରୁ ତିନି ପ୍ରକାରର ପ୍ରସନ୍ନତା ସଂକ୍ରାନ୍ତରେ ଜ୍ଞାତ ହୁଏ । ଯଥା- **କ୍ରୀଡ଼ା**, **କୌତୁକ** ଏବଂ **ଗର୍ବ** (ଅଭିମାନ) ଇତ୍ୟାଦି । କ୍ରୀଡ଼ାରେ ଖାଦ୍ୟ ସାମଗ୍ରୀ ମଧ୍ୟ ଅନ୍ତର୍ଭୁକ୍ତ ଅଟନ୍ତି ଏବଂ କୌତୁକରେ ବିବାହ ଏବଂ ଆନନ୍ଦ ଏବଂ ଗର୍ବ ତଥା ସ୍ୱାଭିମାନରେ ଧନ ଅନ୍ତର୍ଭୁକ୍ତ ଅଟନ୍ତି । ଉପରୋକ୍ତ ତିନୋଟି ଆନନ୍ଦଦାୟକ ବସ୍ତୁ ସାର୍ବକାଳୀନ ନୁହନ୍ତି ବରଂ ଏମାନଙ୍କ ସହିତ ଯଦି ବ୍ୟକ୍ତି ମନ ବଳାଏ ତେବେ ବ୍ୟକ୍ତି ଅତ୍ୟନ୍ତ ଦୁଃଖ ଭୋଗ କରିଥାଏ। କ୍ରମଶଃ ଏପରି ଏକ ସମୟ ଆସି ଯାଇଥାଏ ଯେ, ସେହି ଆନନ୍ଦ ତଥା ଉଲ୍ଲାସର ପର୍ବ ବା କାଳ ଉଗ୍ରତା, ତିକ୍ତତା ତଥା ତୀବ୍ରତାରେ ରୂପାନ୍ତରିତ ହୋଇଯାଇଥାଏ ।

ସଂସାରିକ ସଫଳତା ପରୀକ୍ଷା ଠାରୁ କମ୍ ନୁହେଁ । ଏହା ପରୀକ୍ଷା ଦ୍ୱାର ପରିପୂର୍ଣ୍ଣ ଅଟେ । ପବିତ୍ର କୁରଆନ୍ କରୀମ୍‌ରେ ଉଲ୍ଲେଖ ରହିଛି ଯେ, خَلَقَ الۡمَوۡتَ وَالۡحَیٰوۃَ لِیَبۡلُوَکُمۡ **(ଅଲ୍ ମୁଲ୍କ: 3)** ଅର୍ଥାତ୍ ଆମ୍ଭେ ଜୀବନ୍ ଏବଂ ମୃତ୍ୟୁକୁ ଏଇଥିପାଇଁ ସୃଷ୍ଟି କରିଅଛୁ ଯେ, ଆମ୍ଭେ ତୁମ୍ଭମାନଙ୍କୁ ପରୀକ୍ଷା କରି ଦେଖିବାକୁ ଚାହୁଁଛୁ । ସଫଳତା ଏବଂ ବିଫଳତା ମଧ୍ୟ ମୃତ୍ୟୁର ଏକ ପ୍ରଶ୍ନ ଅଟେ । ସଫଳତା କହିଲେ ଏକ ପ୍ରକାରର ଜୀବନକୁ ବୁଝାଏ, ଅର୍ଥାତ ଯେତେବେଳେ କୌଣସି ବ୍ୟକ୍ତିକୁ ନିଜର ସଫଳ ହେବା ସଂପର୍କରେ ସୂଚନା ପ୍ରାପ୍ତ ହୁଏ ସେତେବେଳେ ତା' ମଧ୍ୟରେ ଏକ ନୂତନ ପ୍ରାଣ ସଞ୍ଚାର ହୋଇଥାଏ । ଅର୍ଥାତ୍ ବ୍ୟକ୍ତିକୁ ଏକ ନବ ଜୀବନ ପ୍ରାପ୍ତ ହୋଇଥାଏ । ସେହିପରି ବ୍ୟକ୍ତିକୁ ଯେତେବେଳେ ବିଫଳତା ତଥା ଅକୃତକାର୍ଯ୍ୟ ହେବା ସଂପର୍କରେ ସୂଚନା ପ୍ରାପ୍ତ ହୁଏ ସେତେବେଳେ ବ୍ୟକ୍ତି ଜୀବନ୍ତ ମୃତ୍ୟୁବରଣ କରିଥାଏ । ବେଳେବେଳେ ଦୁର୍ବଳ ହୃଦୟ ବ୍ୟକ୍ତି ମୃତ୍ୟୁବଣ ମଧ୍ୟ କରନ୍ତି ।

ସୁତରାଂ ଏକଥା ସ୍ମରଣ ରଖିବା ଉଚିତ୍ ଯେ, ସାଧାରଣ ଜୀବନ୍ ଏବଂ ମୃତ୍ୟୁ ତ' ଏତେ ସହଜ ପ୍ରସଙ୍ଗ ଅଟେ। କିନ୍ତୁ ନର୍କମୂଳକ ଜୀବନ ଏବଂ ମୃତ୍ୟୁ ଅତ୍ୟନ୍ତ କ୍ଲିଷ୍ଟତମ ବସ୍ତୁ ଏବଂ ପ୍ରସଙ୍ଗ ଅଟେ। ପୁଣ୍ୟବାନ ବ୍ୟକ୍ତି ଅକୃତକାର୍ଯ୍ୟ ବା ଅସଫଳ ହୋଇ ମଧ୍ୟ ପୁଣ୍ୟବାନ ବ୍ୟକ୍ତି ହୋଇଯାଇଥାଏ ଏବଂ ଈଶ୍ୱରଙ୍କ ଉପରେ ତା'ର ବିଶ୍ୱାସ ଦୃଢୀଭୂତ ହୋଇଯାଇଥାଏ । ସେହି ବ୍ୟକ୍ତିକୁ ଏକ ପ୍ରକାରର ଆନନ୍ଦ ଓ ତୃପ୍ତି ପ୍ରାପ୍ତ ହୋଇଥାଏ । ଯେତେବେଳେ ସେ ଧ୍ୟାନ ଦିଏ ଯେ, ମୋ ପ୍ରଭୁ କିପରିକା ଅଟନ୍ତି ? ସେତେବେଳେ ସଂସାରର ସଫଳତା ତା' ପାଇଁ ଈଶ୍ୱରଙ୍କୁ ଚିହ୍ନିବାର ଏକ ବାହାନା ହୋଇଯାଇଥାଏ । ଏହିପରି ବ୍ୟକ୍ତିମାନଙ୍କ ନିମନ୍ତେ ଏହି ସଂସାରିକ ସଫଳତା ପ୍ରକୃତ ସଫଳତାର (ଇସ୍‌ଲାମୀୟ ପରିଭାଷାରେ ଏହାକୁ فَلَاح ବୋଲି କୁହାଯାଏ) ଏକ ମାଧ୍ୟମ ପାଲଟି ଯାଇଥାଏ । ମୁଁ ତୁମକୁ ସତ ସତ କହୁଛି ଯେ, ପ୍ରକୃତ ପ୍ରସନ୍ନତା, ପ୍ରକୃତ ଆଶ୍ୱସ୍ତି ସଂସାର ତଥା ସାଂସରିକ ବସ୍ତୁ ମଧ୍ୟରେ ନାହିଁ । ବାସ୍ତବତା ଏହିକି ଯେ, ସଂସାରର ସମସ୍ତ ବିଭାଗକୁ ଦେଖି ମଧ୍ୟ ମନୁଷ୍ୟ ସତ୍ୟ (ପ୍ରକୃତ) ଏବଂ ସାର୍ବକାଳୀନ ଆନନ୍ଦ ପ୍ରାପ୍ତ କରିପାରି ନଥାଏ । ତୁମେମାନେ ଅବଲୋକନ କରୁଥିବ ଯେ, ଧନାଢ଼୍ୟ ବ୍ୟକ୍ତି ବା ଅଧିକ ଧନ ରଖୁଥିବା ଧନୀ ବ୍ୟକ୍ତିମାନେ ସର୍ବଦା ଉଲ୍ଲାସପୂର୍ଣ୍ଣ ଥାଆନ୍ତି । କିନ୍ତୁ ସେମାନଙ୍କର ଅବସ୍ଥା جَرَب ଅର୍ଥାତ୍ କୁଣ୍ଡିଆ ରୋଗୀଙ୍କ ପରି ହୋଇଥାଏ । ଅର୍ଥାତ କୁଣ୍ଡିଆ ବ୍ୟକ୍ତି ବା କୁଣ୍ଡାଉଥିବା ସ୍ଥାନକୁ ଯଦି କୁଣ୍ଡାଇ ଦିଆଯାଏ ସେତେବେଳେ ତା'କୁ ଆରାମ୍ ମିଳିଥାଏ । କିନ୍ତୁ ସେହି କୁଣ୍ଡାଇବାର ପରିଣାମ କ'ଣ ହୋଇଥାଏ ? ଏହା ହିଁ ଯେ, କୁଣ୍ଡେଇ କୁଣ୍ଡେଇ ଚର୍ମରୁ ରକ୍ତ ବାହାରି ଯାଇଥାଏ । ସୁତରାଂ ସାଂସାରିକ ଏବଂ ସାମୟିକ ସଫଳତା ଉପରେ ପ୍ରସନ୍ନ ହୋଇଯାଅ ନାହିଁ ଯେ, ତୁମମେମାନେ ପ୍ରକୃତ ସଫଳତା ଠାରୁ ଦୁରେଇ ଯିବ । ବରଂ ସେହି ସଫଳତାକୁ ଈଶ୍ୱର ପରିଚୟର ଏକ ମାଧ୍ୟମ ବୋଲି ବିବେଚିତ କର । ନିଜର ସାହାସ ଏବଂ ଉଦ୍ୟମ ଉପରେ

ଗର୍ବ ଭାବ ପ୍ରକାଶ କର ନାହିଁ । ଏହା ଭାବ ନାହିଁ ଯେ, ଏହି ସଫଳତା ଆମମାନଙ୍କର କୌଣସି ଯୋଗ୍ୟତା, ପରିଶ୍ରମର ପରିଣାମ ଅଟେ । ବରଂ ଏହା ଚିନ୍ତାକର ଯେ, ସେହି ଅଶେଷ ଦୟାବାନ ପ୍ରଭୁ ଯେକି କେବେ ବି କୌଣସି ବ୍ୟକ୍ତିର ପ୍ରକୃତ ପରିଶ୍ରମକୁ ବୃଥା ହେବାକୁ ଦିଅନ୍ତି ନାହିଁ, ସେ ଆମମାନଙ୍କୁ ସାଫଲ୍ୟମଣ୍ଡିତ କଲେ ଏବଂ ଆମମାନଙ୍କର ପରିଶ୍ରମକୁ ସାକାର କଲେ । ଅନ୍ୟଥା ତୁମେ କ'ଣ ଦେଖୁ ନାହଁ ଯେ, ଶତାଧିକ ବିଦ୍ୟାର୍ଥୀମାନେ ଦୈନନ୍ଦିନ ଜୀବନରେ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥାଆନ୍ତି । ସେହି ସମସ୍ତ ପରୀକ୍ଷାର୍ଥୀ ଏବଂ ବିଦ୍ୟାର୍ଥୀମାନେ ସଂପୂର୍ଣ୍ଣ ରୂପେ ମୂର୍ଖ, କୁଣ୍ଠିତ/ଲୁପ୍ତ ବୁଦ୍ଧି ବା ମନ୍ଦପ୍ରତିଭ ହୋଇଥାଆନ୍ତି କି ? ନା ବରଂ ଏପରିକ କେତେକ ବୁଦ୍ଧିମାନ ଏବଂ ଚତୁର୍ ବିଦ୍ୟାର୍ଥୀମାନେ ମଧ୍ୟ ଥାଆନ୍ତି ଯେଉଁମାନେ ପରୀକ୍ଷାରେ ଓ ପ୍ରତିଯୋଗୀତାରେ ଉତ୍ତୀର୍ଣ୍ଣ ହୁଅନ୍ତି ଏବଂ ସେମାନେ ବଡ଼ ଚତୁର ତଥା ବିଚକ୍ଷଣ ହୋଇଥାଆନ୍ତି । ଅତଏବ୍ ଏହା ଅନିର୍ବାର୍ଯ୍ୟ ଓ ଆବଶ୍ୟକ ଯେ, ପ୍ରତ୍ୟେକ ସଫଳତା ବେଳେ ଈଶ୍ୱରଙ୍କ ନିକଟରେ ସଜ୍‌ଦା ଶୁକର୍ (କୃତଜ୍ଞତାମୂଳକ ଭାବରେ ପ୍ରଭୁଙ୍କ ସମ୍ମୁଖରେ ନତମସ୍ତକ ହେବା) ସମ୍ପାଦନ କରିନେବା ଉଚିତ୍ । କାରଣ ଭଗବାନ ତା'ର (ବିଦ୍ୟାର୍ଥୀର) ପରିଶ୍ରମକୁ ବୃଥା ହେବାକୁ ଦେଲେ ନାହିଁ । ସେହି କୃତଜ୍ଞତାର ପରିଣାମ ଏହା ହେବ ଯେ, ଅଲ୍ଲାଃତାଲାଙ୍କ ସହିତ ପ୍ରେମ ସଂପର୍କ ବୃଦ୍ଧି ପାଇବ ଏବଂ ବିଦ୍ୟାର୍ଥୀର ବିଶ୍ୱାସ ପ୍ରଭୁଙ୍କ ଉପରେ ବୃଦ୍ଧି ପାଇବ । କେବଳ ସେତିକି ନୁହେଁ ବରଂ ଆହୁରି ଅନେକ ସଫଳତା ମଧ୍ୟ ପ୍ରାପ୍ତ ହେବ। କାରଣ ଅଲ୍ଲାଃତାଲା କୁହନ୍ତି ଯେ, ତୁମେମାନେ ଯଦି ମୋ ପୁରସ୍କାରର କୃତଜ୍ଞତା ଜ୍ଞାପନ କରିବ ତେବେ ମୁଁ ତୁମ୍ଭମାନଙ୍କୁ ଅଧିକ ଗୁଣା ପୁରସ୍କାର ପ୍ରଦାନ କରିବି ଏବଂ ତୁମ୍ଭେମାନେ ଯଦି ମୋ ପୁରସ୍କାରକୁ ପ୍ରତ୍ୟାଖ୍ୟାନ କରିଦିଅ ତାହାହେଲେ ଏକଥା ମନେରଖ ! ଆମ୍ଭର କୋପ ଏବଂ ଆମ୍ଭର ଶାସ୍ତି ଅତି ଭୟଙ୍କର ଅଟେ । ତୁମ୍ଭେମାନେ ସେହି ଶାସ୍ତିରେ ଗିରଫ ହେବ ।

**ବିଶ୍ୱାସାକୀର ବ୍ୟକ୍ତି ଏବଂ ଅବିଶ୍ୱାସକାରୀ ବ୍ୟକ୍ତିର ସଫଳତା ମଧ୍ୟରେ ପାର୍ଥକ୍ୟ:**

ଉକ୍ତ ନିୟମକୁ ସର୍ବଦା ଦୃଷ୍ଟି ସମ୍ମୁଖରେ ରଖ ଯେ, ବିଶ୍ୱାସକାରୀ ବ୍ୟକ୍ତିର ଏହି କାର୍ଯ୍ୟ ଯେ, ପ୍ରଭୁ ଯେତେବେଳେ ତା'କୁ କୌଣସି ସଫଳତା ପ୍ରଦାନ କରନ୍ତି ସେତେବେଳେ ସେ ଲଜ୍ଜିତ ହୋଇଥାଏ ଏବଂ ପ୍ରଭୁଙ୍କର ପ୍ରଶଂସା କରିଥାଏ । ଅର୍ଥାତ୍ ପ୍ରଭୁ ତା' ଉପରେ ନିଜର କୃପାବତୀର୍ଣ୍ଣ କଲେ ଏବଂ ଏହିପରି ଭାବରେ ସେ ଗୋଟିଏ ପାଦ ଆଗକୁ ବଢାଇଥାଏ ଓ ପ୍ରତ୍ୟେକ ପ୍ରକାରର ପରୀକ୍ଷାରେ ଅବିଚଳତା ପ୍ରଦର୍ଶନ କରି ପୁରସ୍କୃତ ହୋଇଥାଏ । ପ୍ରକାଶ୍ୟ ରୂପେ କହିବାକୁ ଗଲେ ଜଣେ ହିନ୍ଦୁ ବ୍ୟକ୍ତି ଓ ଜଣେ ବିଶ୍ୱାସକାରୀ ଅର୍ଥାତ୍ ମୁସଲମାନ ବ୍ୟକ୍ତିର ସଫଳତା ଏକ ପ୍ରକାରର ଅଟେ । କିନ୍ତୁ ମନେରଖ ! ଅବଜ୍ଞାକାରୀର ସଫଳତା ମାର୍ଗଭ୍ରଷ୍ଟର ପଥ ଅଟେ ଏବଂ ବିଶ୍ୱାସକାରୀର ସଫଳତା ଦ୍ୱାରା ତା' ପାଇଁ ପୁରସ୍କାରର ଦ୍ୱାର ଉନ୍ମୁକ୍ତ ହୋଇଥାଏ ଏବଂ ଅବିଶ୍ୱାସକାରୀର ସଫଳତା ତାକୁ ବିମାର୍ଗ ଅର୍ଥାତ୍ ତା'କୁ ମାର୍ଗଭ୍ରଷ୍ଟତା ଆଡ଼କୁ ନେଇଯାଇଥାଏ ଏବଂ ସେ ଈଶ୍ୱରଙ୍କ ଆଡ଼କୁ ପ୍ରତ୍ୟାବର୍ତ୍ତନ କରି ନଥାଏ। ବରଂ ନିଜର ପରିଶ୍ରମ, ବୁଦ୍ଧି ଏବଂ ସାମର୍ଥ୍ୟତା ତଥା ଯୋଗ୍ୟତାକୁ ଈଶ୍ୱର ରୂପେ ବରଣ କରିନେଇଥାଏ। କିନ୍ତୁ ବିଶ୍ୱାସକାରୀ ଈଶ୍ୱରଙ୍କ ଆଡ଼କୁ ପ୍ରତ୍ୟାବର୍ତ୍ତନ କରି ପ୍ରଭୁଙ୍କ ସହିତ ଏକ ନୂତନ ପରିଚୟ ଏବଂ ନୂତନ ସଂପର୍କ ସୃଷ୍ଟି କରିଥାଏ । ଏହିପରି ଭାବରେ ପ୍ରତ୍ୟେକ ସଫଳତା ପରେ ପ୍ରଭୁଙ୍କ ସହିତ ଏକ ନୂତନ ପ୍ରସଙ୍ଗ ଅର୍ଥାତ୍ ନୂତନ ସଂପର୍କ ଗଢି ଉଠିଥାଏ । ବ୍ୟକ୍ତି ମଧ୍ୟରେ ପରିବର୍ତ୍ତନ ହେବାକୁ ଲାଗିଥାଏ । اِنَّ اللّٰهَ مَعَ الَّذِيْنَ اتَّقَوْا **(ଅନ୍ ନହଲ୍: 129)** ଅର୍ଥାତ୍ ଯେଉଁମାନେ ଧର୍ମପରାୟଣ ବ୍ୟକ୍ତି ଅଟନ୍ତି ଓ ଯେଉଁମାନେ ସତ୍‌କର୍ମ କରନ୍ତି ବାସ୍ତବରେ ସେହିମାନେ ହିଁ ଅଲ୍ଲାଃତାଲାଙ୍କ ସହିତ ଥାଆନ୍ତି । ଏଠାରେ ସ୍ମରଣ ରଖିବା ଉଚିତ୍ ଯେ, ପବିତ୍ର କୁରଆନ୍ କରୀମ୍‌ରେ ତକ୍‌ୱା ଶବ୍ଦର ଯଥେଷ୍ଟ ମର୍ଯ୍ୟାଦା ରହିଛି । ତେଣୁ ତକ୍‌ୱା ଶବ୍ଦର ପୂର୍ବ ଶବ୍ଦଟିର ଅର୍ଥ ଆଗେ କରାଯିବ । ଅର୍ଥାତ୍ ତକ୍‌ୱା ପୂର୍ବରୁ ଯେଉଁ مَعَ ଶବ୍ଦଟି ବ୍ୟବହୃତ ହୋଇଛି ତହିଁରେ ଉକ୍ତ ଅର୍ଥ ନିହିତ ରହିଛି ଯେ, ଯେଉଁ ବ୍ୟକ୍ତି ପ୍ରଭୁଙ୍କୁ ପ୍ରାଧାନ୍ୟ ଦିଏ ପ୍ରଭୁ ସେହି ବ୍ୟକ୍ତିକୁ ହିଁ ପ୍ରାଧାନ୍ୟ ଦିଅନ୍ତି ଏବଂ ସଂସାରର ପ୍ରତ୍ୟେକ ପ୍ରକାରର ତିରସ୍କାରରୁ ତା'କୁ ଉଦ୍ଧାର କରି ନିଅନ୍ତି । ମୋର ଏହି ବିଶ୍ୱାସ ରହିଛି ଯେ, ମନୁଷ୍ୟ ଯଦି ସଂସାରର ପ୍ରତ୍ୟେକ ପ୍ରକାରର ତିରସ୍କାର ଏବଂ ପ୍ରତ୍ୟେକ ପ୍ରକାରର କଠୋରତା ଠାରୁ ବର୍ତ୍ତିବାକୁ ଚାହେଁ ତେବେ ସେଥି ନିମନ୍ତେ କେବଳ ଗୋଟିଏ ମାର୍ଗ ରହିଛି । ଅର୍ଥାତ୍ ବ୍ୟକ୍ତି ଧର୍ମପରାୟଣ ବ୍ୟକ୍ତି ପାଲଟି ଯାଉ । ପୁନଶ୍ଚ ସେହି ବ୍ୟକ୍ତିକୁ କୌଣସି ବସ୍ତୁର ଅଭାବ ଦେଖା ଦେଇ ନଥାଏ । ଅତଃ ବିଶ୍ୱାସକାରୀର ସଫଳତା ତା'କୁ ଆଗକୁ ଅଗ୍ରସର କରାଇ ନେଇଥାଏ ଏବଂ ସେ ସେଇଠାରେ ହିଁ ଅଟକି ଯାଇ ନଥାଏ । **(ମଲ୍‌ଫୁଜାତ୍, ଭାଗ-1, ପୃ-134, ପ୍ରକାଶନ ବର୍ଷ-2018 କାଦିଆନ୍)** ☆--☆--☆

اُذْكُرُوْا مَوْتَاكُمْ

## ହାଇଦ୍ରାବାଦ୍‌ର ଜୁବଲୀ ହଲ୍ ମସ୍‌ଜିଦର ଖାଦିମ୍ (ସେବକ) ସମ୍ମାନନୀୟ ସ୍ୱର୍ଗତ ଗୌହର୍ ଅହେମଦ ସାହେବଙ୍କ ଉତ୍ତମ ଚର୍ଚ୍ଚା

**(ସମ୍ମାନନୀୟ କଲିମ୍ ଖାନ୍, ମୁବଲ୍ଲିଗ୍ ଇନ୍‌ଚାର୍ଜ୍ ମଡ଼ିକେରୀ, ରାଜ୍ୟ-କର୍ଣ୍ଣାଟକ)**

ମସ୍‌ଜିଦ୍ ଜୁବଲୀ ହଲର ପୂର୍ବତନ ମସ୍‌ଜିଦ୍ ଖାଦିମ୍ (ସେବକ) ସମ୍ମାନନୀୟ ସ୍ୱର୍ଗତ ଗୌହର ଅହେମଦ ସାହେବଙ୍କ ତା-27ରିଖ ଡ଼ିସେମ୍ବର ମାସ 2023 ମସିହା ବୁଧବାର ଦିନ ହାଇଦ୍ରାବାଦ୍ ଠାରେ ନିଧନ ହୋଇଯାଇଛି । اِنَّا لِلّٰهِ وَاِنَّاۤ اِلَيْهِ رٰجِعُوْنَ । ସ୍ୱର୍ଗତ ଆନ୍ଧ୍ର ପ୍ରଦେଶ ରାଜ୍ୟ ଅନ୍ତର୍ଗତ କଣ୍ଡୋରଗାଓଁର ଅଧିବାସୀ ଥିଲେ। 16 ବର୍ଷ ବୟସରେ ପିତାଶ୍ରୀଙ୍କ ସହିତ ଦକ୍ଷିଣ ହାଇଦ୍ରାବାଦ୍ ଠାରେ ସ୍ଥାନାନ୍ତରିତ ହୋଇଯାଇଥିଲେ । ସ୍ୱର୍ଗତ ଗୌହାର ସାହେବ ଜାନୁୟାରୀ ମାସ 1 ତାରିଖ ଦିନ 1950 ମସିହାରେ ଜନ୍ମଗ୍ରହଣ କରିଥିଲେ । ସ୍ୱର୍ଗତଙ୍କ ପିତାଶ୍ରୀଙ୍କ ନାମ ମନ୍‌ସୁର ଅହେମଦ୍ ସାହେବ ଓ ମାତାଶ୍ରୀଙ୍କ ନାମ ଜହୁରୁନ୍ ନିସା ସାହେବା ଥିଲା । ସ୍ୱର୍ଗତ ଗୌହର ସାହେବ ଜଣେ ସିଧା ସାଧା ଏବଂ ସରଳ ବ୍ୟକ୍ତି ଓ ଅତ୍ୟନ୍ତ ସଚ୍ଚରିତ୍ରବାନ୍ ବ୍ୟକ୍ତି ଥିଲେ ।

ବିନୀତ (କଲିମ୍ ଖାନ୍ ସାହେବ) ଯେତେବେଳେ ହାଇଦ୍ରାବାଦ୍ ଠାକୁ ମୁବଲ୍ଲିଗ୍ ସିଲସିଲା ଭାବରେ ନିଯୁକ୍ତ ହୋଇ ସେଠାରେ ସେବା ସମ୍ପାଦନ କରୁଥିଲା ସେତେବେଳେ ଆପଣ ଅହମଦିୟା ମସ୍‌ଜିଦ୍ ଜୁବଲୀ ହଲ୍ ଠାରେ ମସ୍‌ଜିଦ୍‌ର ସେବକ ରୂପେ ସେବା କରିବାକୁ ସାମର୍ଥ ଲାଭ ପାଇଥିଲେ। ମୋର ରହଣୀ ଜୁବ୍‌ଲୀ ହଲ୍‌ର ଉପର ମହଲାରେ ହେଉଥିଲା । ସ୍ୱର୍ଗତ ଗୌହର ସାହେବ ପ୍ରତ୍ୟେକ ଦିନ ନମାଜେ ଫଜର୍‌ର ଅଜାନ୍‌ର ବହୁ ପୂର୍ବରୁ ମସ୍‌ଜିଦ୍ ଚାଲି ଆସୁଥିଲେ ଏବଂ ନିୟମିତ ଭାବରେ ନମାଜ ତେହଜ୍ଜୁଦ୍ ପାଠ କରୁଥିଲେ । ସୁକଣ୍ଠର ସହିତ ଅଜାନ୍ ଦେଉଥିଲେ ଯାହାକୁ ଅଣଅହେମଦି ସଂପ୍ରଦାୟର ଲୋକମାନେ ମଧ୍ୟ ପସନ୍ଦ କରୁଥିଲେ। ଜୁବ୍‌ଲୀ ହଲ୍‌ର ଆଖପାଖର ଅଣଅହେମଦି ବ୍ୟକ୍ତିମାନେ ସର୍ବଦା ଆପଣଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରୁଥିଲେ। ସ୍ଥାନୀୟ ମୁବଲ୍ଲିଗ୍‌ଙ୍କ ଅନୁପସ୍ଥିତିରେ ବେଳେବେଳେ ଇମାମତ୍ ମଧ୍ୟ କରାଉଥିଲେ ଏବଂ ନମାଜ ଫଜର୍ ଓ ଅସର୍ ପରେ ନିୟମିତ ଭାବରେ ତିଲାୱତ୍ କୁରଆନ୍ କରୀମ୍ କରୁଥିଲେ । ଗ୍ରୀଷ୍ମ ଋତୁରେ ପ୍ରତ୍ୟେକ ଦିନ ଫୁଟପାଥ୍‌ରେ ବସିଥିବା ଦୀନ ଦରିଦ୍ର ବ୍ୟକ୍ତିମାନଙ୍କୁ ଜଳପାନ କରାଉଥିଲେ। ମସ୍‌ଜିଦ୍‌ରେ ସ୍ୱଚ୍ଛତା ରଖିବାକୁ ଯଥାସାଧ ପ୍ରୟାସ କରୁଥିଲେ । ଅଧିକାଂଶ ସମୟରେ ଫଜର୍ ନମାଜ ସମୟରେ ଅହେମଦି ବ୍ୟକ୍ତି ଯେତେବେଳେ ମସ୍‌ଜିଦକୁ ନମାଜ ପାଠ କରିବା ନିମନ୍ତେ ଆସୁଥିଲେ ଏବଂ ଯେତେବେଳେ କୌଣସି ଅଣଅହେମଦି ବ୍ୟକ୍ତି ଆସୁଥିଲା ସେତେବେଳେ ସ୍ୱର୍ଗତ ଗୌହର ସାହେବ ସେମାନଙ୍କୁ କେବଳ ବିନୀତ ଓ ବିନମ୍ରତାପୂର୍ବକ ସହିତ ସାକ୍ଷାତ୍ କରାଉଥିଲେ ତାହା ନୁହେଁ ବରଂ ପୂର୍ବରୁ ହିଁ ସେମାନଙ୍କ ନିମନ୍ତେ ଲିଟ୍ରେଚର୍ ପ୍ରସ୍ତୁତ ରଖୁଥିଲେ ।

ଯେତେବେଳେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାକୁ ଲାଗିଲା ସେତେବେଳେ ସେ ସ୍ୱୟଂ ମର୍କଜ୍‌କୁ ଅନୁରୋଧ କଲେ ଯେ, ମୋର ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହୁ ନାହିଁ । ଅତଃ ମୋତେ ଉକ୍ତ ଦାୟିତ୍ୱରୁ ମୁକ୍ତ କରିଦିଆଯାଉ । ପୁନଶ୍ଚ ମସ୍‌ଜିଦ୍‌ର ଅନ୍ୟ ଜଣେ ସେବକଙ୍କ ନିଯୁକ୍ତି ମର୍କଜ ପକ୍ଷରୁ କରିଦିଆଗଲା। ଯେତେବେଳେ ମସ୍‌ଜିଦ୍‌ର ନୂତନ ସେବକ ଛୁଟିରେ ରହୁଥିଲେ ସେତେବେଳେ ସମ୍ମାନନୀୟ ସ୍ୱର୍ଗତ ଗୌହର ସାହେବ ନିଜର ସ୍ୱାସ୍ଥ୍ୟାବସ୍ଥା ଠିକ୍ ନଥିବା ସତ୍ତ୍ୱେ ମଧ୍ୟ ମସ୍‌ଜିଦ୍‌ର ସ୍ୱଚ୍ଛତା ପ୍ରତି ଯତ୍ନବାନ୍ ଥିଲେ ଏବଂ ଅଜାନ୍ ଦେଉଥିଲେ । ଯେତେବେଳେ ସେ ଅଧିକ ଅସୁସ୍ଥ ରହିଲେ ସେତେବେଳେ ତାଙ୍କୁ ଉସ୍‌ମାନିୟା ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା ଏବଂ ସେଠାରେ କିଛି ଦିନ ତାଙ୍କର ଚିକିତ୍ସା ଚାଲିଥିଲା ଏବଂ କିଛି ଦିନ ସେ ଚିକିତ୍ସାଧୀନ ରହି ନିଜର ପରମେଶ୍ୱରଙ୍କ ସମକ୍ଷରେ ଉପସ୍ଥିତ ହୋଇଗଲେ । اِنَّا لِلّٰهِ وَاِنَّاۤ اِلَيْهِ رٰجِعُوْنَ ।

بلانے والا ہے سب سے پیارا
اُسی پہ اے دِل تو جاں فدا کر

ସ୍ୱର୍ଗତ ଗୌହର ସାହେବଙ୍କୁ ହାଇଦ୍ରାବାଦ୍ ସ୍ଥିତ ଅହେମଦିୟା କବରସ୍ଥାନରେ କବର ଦିଆଯାଇଥିଲା । ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ମଧ୍ୟରେ ସମ୍ମାନନୀୟା ପତ୍ନି ମେହମୁଦା ବେଗମ୍ ସାହେବାଙ୍କ ବ୍ୟତୀତ ଦୁଇ ପୁତ୍ର ଆୟୁଷ୍ମାନ୍ ଫାରୁକ୍ ଅହେମଦ ଓ ଆୟୁଷ୍ମାନ୍ ଶକିଲ୍ ଅହେମଦ ସାହେବ ଏବଂ ତିନିଜଣ କନ୍ୟା ସନ୍ତାନ ଯଥା- ଫହିମୁନ୍ ନିସା ସାହେବା, ଆମିନା ବେଗମ୍ ସାହେବା ଓ ହଲିମା ବେଗମ୍ ସାହେବ ଇତ୍ୟାଦି ଅନ୍ୟତମ ଅଟନ୍ତି । ଅଲ୍ଲାଃତାଲା ସ୍ୱର୍ଗତ ଗୌହର ସାହେବଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠେର ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ। ସ୍ୱର୍ଗତ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଏବଂ ସାହାସ ପ୍ରଦାନ କରନ୍ତୁ ଓ ସ୍ୱର୍ଗତଙ୍କ ସୁଗୁଣାବଳୀକୁ ଉଜ୍ଜୀବିତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

☆--☆--☆

**ଅତିରିକ୍ତ ନଜାରତ୍ ଇସ୍‌ଲାହ୍ ଓ ଇର୍ଶାଦ୍ ନୁରୁଲ୍ ଇସ୍‌ଲାମ୍ ଅନ୍ତର୍ଗତ**

**ଟୋଲ ଫ୍ରୀ ନମ୍ବରକୁ ଫୋନ୍ କରି ଆପଣମାନେ ମୁସ୍‌ଲିମ୍ ଜମାଅତ୍ ଅହେମଦିୟା ସଂପର୍କରେ ତଥ୍ୟ ପ୍ରାପ୍ତ କରିପାରିବେ ।**

**ଟୋଲ୍ ଫ୍ରି ନମ୍ବର ହେଲା: 1800 103 2131**

**ସମୟ: ଦୈନିକ ପ୍ରାତଃ 8.30ଘଟିକାରୁ ରାତ୍ର 10.30ଘଟିକା ପର୍ଯ୍ୟନ୍ତ (ଶୁକ୍ରବାର ଦିନ ବନ୍ଦ ରୁହେ)**

# (ଖୁତ୍‌ବା ଜୁମା)

**ଅଲ୍ଲାଃତାଲା ଆମମାନଙ୍କ ମଧ୍ୟରେ ବିଶେଷ ରୂପେ ବଦର୍ ଯୁଦ୍ଧର ମହତ୍ତ୍ୱ ପ୍ରତି ଅବବୋଧ ସୃଷ୍ଟି କରିବା ପ୍ରତି ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଆମମାନଙ୍କୁ ଆଁହଜରତ ସ.ଅଙ୍କ ସତ୍ୟବାଦୀ ଦାସଙ୍କର ଆଗମନର ଅଭିପ୍ରାୟକୁ ହୃଦୟଙ୍ଗମ କରିବାକୁ ତଥା ତାହାଙ୍କୁ ସ୍ୱୀକାର କରିବା ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।**

**ଅଲ୍ଲାଃତାଲା କରନ୍ତୁ କି ମୁସଲମାନ ସଂପ୍ରଦାୟ ମଧ୍ୟ ଉକ୍ତ ବଦର ଯୁଦ୍ଧର ବାସ୍ତବତାକୁ ହୃଦୟଙ୍ଗମ କରି ଆଁହଜରତ ସ.ଅଙ୍କ ଦାସତ୍ୱରେ ଆସିଥିବା ମସିହ୍ ମଉଦ୍ (ପ୍ରତିଶୃତ ମସିହ୍ ମସିହ୍)ଙ୍କୁ ଚିହ୍ନିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । କାରଣ ଏହି ମୁସଲମାନମାନେ ନିଜର ହଜି ଯାଇଥିବା ସେହି ଖ୍ୟାତି ତଥା ଯଶକୁ ପୁନଃ ପ୍ରାପ୍ତ କରିବା ନିମନ୍ତେ ସକ୍ଷମ ହୁଅନ୍ତୁ ।**

---

**ଆଁହଜରତ ସ.ଅ ମୁସଲମାନମାନଙ୍କୁ ତାଗିଦ୍ କରିଥିଲେ ଯେ, କଏଦୀ (ବନ୍ଦୀ)ମାନଙ୍କ ସହିତ ବିନମ୍ରତା ଏବଂ ସଦୟଭାବ ପ୍ରଦର୍ଶନ କରାଯାଉ ଏବଂ ସେମାନଙ୍କ ସୁଖ ସୁବିଧା ପ୍ରତି ଧ୍ୟାନ ରଖାଯାଉ ।**

**ଆଁହଜରତ ସ.ଅ ଉକ୍ତ ସଂପ୍ରଦାୟରେ ଆଗମନକାରୀ ମେହ୍‌ଦୀ ସଂକ୍ରାନ୍ତରେ ଏହି ନିଦର୍ଶନ ଦର୍ଶାଇଛନ୍ତି ଯେ, ତା' ନିକଟରେ ମଧ୍ୟ ଏକ ପୁସ୍ତକ ହେବ ଯହିଁରେ ବଦରବାସୀଙ୍କର ସଂଖ୍ୟାନୁଯାୟୀ 313 ଜଣ ସାହାବାମାନଙ୍କର ନାମ ଉଲ୍ଲେଖ ହେବ ।**

**ସମସ୍ତ ଡିୟୁଟି ଦେଉଥିବା ସ୍ୱେଚ୍ଛାସେବୀମାନଙ୍କୁ ସର୍ବଦା ନିଜର ଉତ୍ତମ ଆଚରଣ ପ୍ରଦର୍ଶନ କରିବା ଉଚିତ୍ ଏବଂ ସ୍ମିତହାସ୍ୟ ପ୍ରକାଶ କରୁଥିବା ଉଚିତ୍ । ଯଦି କୌଣସି ବ୍ୟକ୍ତି ମଧ୍ୟରେ କୌଣସି ଭୁଲ୍ କଥା ଦେଖନ୍ତି ଯାହା ପରିବେଶର ପବିତ୍ରତା ଏବଂ ଶିକ୍ଷା ବିରୁଦ୍ଧୀୟ ଅଟେ, ତେବେ ବିନମ୍ରତା ଏବଂ ପ୍ରେମ ଦ୍ୱାରା ସେହି ବ୍ୟକ୍ତିକୁ ବୁଝାଇବାକୁ ଚେଷ୍ଟା କରନ୍ତୁ ।**

**ପ୍ରତ୍ୟେକ ଅହେମଦିକୁ ଉକ୍ତ ଜଲସା ସାଲାନାର ସାଫଲ୍ୟମଣ୍ଡିତ ହେବା ନିମନ୍ତେ ଦୁଆ କରିବା ଉଚିତ୍ ।**

**ବଦର୍ ଯୁଦ୍ଧର ମହତ୍ତ୍ୱ ଏବଂ ତା'ର ଫଳାଫଳ, ସେହିପରି ବଦରୀ ସାହାବାମାନଙ୍କ ମର୍ଯ୍ୟାଦାର ଚର୍ଚ୍ଚା**

**ଜଲସା ସାଲାନା ୟୁ.କେ ସନ୍ଦର୍ଭରେ ଅତିଥି ସତ୍କାରର ମହତ୍ତ୍ୱର ଚର୍ଚ୍ଚା ଏବଂ କର୍ମଚାରୀ ଏବଂ ଅତିଥିମାନଙ୍କୁ ବହୁମୂଲ୍ୟ ଉପଦେଶ ।**

---

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 21 JULY 2023 ମସିହା ଅନୁଯାୟୀ ୨୧ ୱଫା /୧୪୦୨ ସ ହିଜ୍ରୀ ଶମ୍ସୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَ إِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ବଦର୍ ଯୁଦ୍ଧ ସଂକ୍ରାନ୍ତରେ ଆଁହଜରତ ସ.ଅଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା ସେହି କ୍ରମରେ ଆଉ କେତେକ କଥା ଆଜି ଉପସ୍ଥାପିତ କରିବି । ବଦର୍ ଯୁଦ୍ଧ ଶେଷ ହେବା ପରେ ବନ୍ଦୀମାନଙ୍କ ସହିତ ସଦ୍‌ବ୍ୟବହାର ପ୍ରଦର୍ଶନ କରିବା ସଂପର୍କରେ ତବ୍‌କାତ୍ ଇବ୍‌ନେ ସାଆଦ୍‌ରେ ଉଲ୍ଲେଖ ରହିଛି ଯେ, ଆଁହଜରତ୍ ସ.ଅ ରାତ୍ରରେ ଉଜାଗର ରହିଲେ । ସାହାବାମାନଙ୍କ ମଧ୍ୟରୁ ଜଣେ ସାହାବି ଆପଣ ସ.ଅଙ୍କୁ ପଚାରିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅଙ୍କୁ କେଉଁ କଥା ବ୍ୟତିବ୍ୟସ୍ତ କରି ଉଜାଗର କରି ରଖିଛି? ଆପଣ ସ.ଅ କହିଲେ, ଅବ୍‌ବାସଙ୍କ ଯନ୍ତ୍ରଣାର ସ୍ୱର ମୋତେ ଉଜାଗର କରି ରଖିଛି । ଅତଏବ୍ ଜଣେ ବ୍ୟକ୍ତି ଗଲା ଏବଂ ସେ ହ. ଅବ୍‌ବାସ୍ ର.ଅଙ୍କ ଅଣ୍ଟାର ବନ୍ଧା ଡୋରକୁ ଢିଲା କରିଦେଲା । ଅର୍ଥାତ ରଜ୍ଜୁ (ଦଉଡ଼ି/ପଘା)ରୁ ଢିଲା କରିଦେଲା, ତେବେ ରସୁଲ୍ କରୀମ୍ ସ.ଅ କହିଲେ, କ'ଣ ହେଲା କି ମୁଁ ଆଉ ଅବ୍‌ବାସଙ୍କ ଯନ୍ତ୍ରଣାର ସ୍ୱର ଶୁଣିପାରୁ ନାହିଁ ? ତେବେ ଜଣେ ବ୍ୟକ୍ତି କହିଲା, ମୁଁ ତାଙ୍କର ପଘାର ଗଣ୍ଠିଟାକୁ ଟିକିଏ ଢିଲା କରିଦେଇଛି । ଆପଣ ସ.ଅ କହିଲେ, ତାହାହେଲେ ତ' ସମସ୍ତ କଏଦୀମାନଙ୍କ ସହିତ ଏହିପରି ଆଚରଣ ପ୍ରଦର୍ଶନ କର । ଏପରି କରିବ ନାହିଁ ଯେ, ଅମକ ବ୍ୟକ୍ତି ମୋର ସଂପର୍କୀୟ ପରିଜନ ଓ ଅମକ ବ୍ୟକ୍ତି ମୋର ବନ୍ଧୁ ସଂପର୍କୀୟ ନୁହେଁ । ଅର୍ଥାତ୍ ସମବ୍ୟବହାର ପ୍ରଦର୍ଶନ କର । **(ଅତ୍‌ତବ୍‌କାତୁଲ୍ କୁବ୍ରା, ଲିଇବ୍‌ନି ସାଆଦ୍, ଭାଗ-4, ପୃ-9, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, ଲେବନାନ୍-2012 ମସିହା)**

ବଦର ଯୁଦ୍ଧର କଏଦୀମାନଙ୍କ ସଂକ୍ରାନ୍ତରେ ସିରତ୍ ଖାତମୁନ୍ ନବୀୟିନ୍‌ରେ ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ଯେଉଁ ବିବରଣୀର ଚର୍ଚ୍ଚା କରିଛନ୍ତି ତହିଁରେ ଉଲ୍ଲେଖ ରହିଛି ଯେ, "ତିନି ଦିନ ପର୍ଯ୍ୟନ୍ତ ଆପଣ ବଦର୍‌ର ଉପତ୍ୟକାରେ ଅବସ୍ଥାନ କଲେ ଏବଂ ଉକ୍ତ ସମୟଟି ନିଜର ଶୋହୋଦା (ବୀରଗତି ପ୍ରାପ୍ତ କର୍ତ୍ତା)ଙ୍କ ଶବ ସତ୍କାର ଏବଂ କବର ଦେବା ତଥା ଆହତମାନଙ୍କର ସେବା ଶୁଶ୍ରୂଷାରେ ଅତିବାହିତ କଲେ ଏବଂ ସେହି ଦିନମାନଙ୍କରେ ମାଲେ ଗନିମତ୍ (ଯୁଦ୍ଧ ଭୂମିରୁ ପ୍ରାପ୍ତ ଧନ ରତ୍ନ)କୁ ଏକତ୍ରିତ କରି ଶୃଙ୍ଖଳିତ କଲେ ଏବଂ ଅବିଶ୍ୱାସକାରୀମାନଙ୍କର କଏଦୀମାନଙ୍କୁ ଯେଉଁମାନଙ୍କର ସଂଖ୍ୟା ପ୍ରାୟ 70 ଥିଲା ସେମାନଙ୍କୁ ସୁରକ୍ଷିତ ଭାବରେ ମୁସଲମାନମାନଙ୍କୁ ହସ୍ତାନ୍ତର କରିଦେଲେ ଏବଂ ଆଁହଜରତ ସ.ଅ ମୁସଲମାନମାନଙ୍କୁ ଏହି ତାଗିଦ୍ କଲେ ଯେ, ବନ୍ଦୀମାନଙ୍କ ସହିତ ବିନମ୍ରତା ଓ ସଦୟଭାବମୂଳକ ଆଚରଣ ପ୍ରଦର୍ଶନ କରନ୍ତୁ ଏବଂ ସେମାନଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟର ଧ୍ୟାନ ରଖନ୍ତୁ । "

ସାହାବାମାନେ ନିଜର ପ୍ରିୟ ମୁନିବଙ୍କର ଇଚ୍ଛା ଏବଂ ଅଭିଳାଷାକୁ ପୂର୍ଣ୍ଣ କରିବାକୁ ଯାଇ ସେମାନଙ୍କ ହୃଦୟରେ ଯେଉଁ ପ୍ରେମ ରହିଥିଲା ତାହା ଆପଣ ସ.ଅଙ୍କ ଏହି ଉପଦେଶ ଉପରେ ସେହି ସୁନ୍ଦରତାର ସହିତ କାର୍ଯ୍ୟାନୁସରଣ କଲେ ଯେ, ସଂସାରର ଇତିହାସରେ ଏହାର ଦୃଷ୍ଟାନ୍ତ ମିଳୁ ନାହିଁ । ସୁତରାଂ ସ୍ୱୟଂ ସେହି ବନ୍ଦୀମାନଙ୍କ ମଧ୍ୟରୁ ଜଣେ ବନ୍ଦୀ ଅବୁ ଉଜେଁର୍ ବିନ୍ ଉମରଙ୍କ ମୌଖିକ ବର୍ଣ୍ଣନାର ଉଲ୍ଲେଖ ମିଳେ ଯେ, ଆଁହଜରତ ସ.ଅଙ୍କ ଆଦେଶାନୁଯାୟୀ ଅନ୍‌ସାରମାନେ ମୋତେ ରନ୍ଧା ଖାଦ୍ୟ ଅର୍ଥାତ୍ ରୁଟି ଖାଇବାକୁ ଦେଉଥିଲେ । କିନ୍ତୁ ସ୍ୱୟଂ ଖଜୁରୀ କୋଳି ଖାଇ ସମୟ କାଳାତିପାତ କରି ନେଉଥିଲେ ଏବଂ ଅନେକ ଥର ଏପରି ହେଉଥିଲା ଯେ, ସେମାନଙ୍କ ନିକଟରେ ଯଦି ରୁଟିର କୌଣସି ଛୋଟିଆ ଟୁକୁଡ଼ା ମଧ୍ୟ ହେଉଥିଲା ତେବେ ସେମାନେ ସେହି ଟୁକୁଡ଼ାକୁ ମୋତେ ଦେଇ ଦେଉଥିଲେ ଏବଂ ନିଜେ କିଛି ଖାଉ ନଥିଲେ ବରଂ ଉପାସ ରହୁଥିଲେ । ମୁଁ ଯଦି ସେହି ରୁଟି ଖଣ୍ଡକୁ ଲଜ୍ଜା ଅନୁଭବ କରି ଫେରାଇ ଦେଉଥିଲି ତେବେ ସେମାନେ ଜିଦ୍ କରି ମୋତେ ପୁଣି ରୁଟି ଖଣ୍ଡକୁ ଦେଇ ଦେଉଥିଲେ । ଯେଉଁ ବନ୍ଦୀମାନଙ୍କ ନିକଟରେ ବସ୍ତ୍ର ଯଥେଷ୍ଟ ହେଉ ନଥିଲା ସେମାନଙ୍କୁ ଅନ୍‌ସାରମାନେ ବସ୍ତ୍ର ଯୋଗାଇ ଦେଉଥିଲେ । ସୁତରାଂ ଅବ୍‌ବାସଙ୍କୁ ଅବଦୁଲ୍ଲାଃ ବିନ୍ ଉବେି ନିଜର କାମିସ୍ (ବସ୍ତ୍ର) ଦେଇଥିଲେ । ସାର୍ ଉଇଲିୟମ୍ ମିଓର୍ ବନ୍ଦୀମାନଙ୍କ ସହିତ ଏତାଦୃଶ ସଦୟ ଭାବ ଆଚରଣ ପ୍ରଦର୍ଶନ କରିବାର ନିମ୍ନ ଲିଖିତ ଶବ୍ଦରେ ସ୍ୱୀକାରୋକ୍ତି ପ୍ରକାଶ କରିଛନ୍ତି । ସାର ଇଉଲିୟମ୍ ମିଓର୍ ସାହେବ ଉଲ୍ଲେଖ କରନ୍ତି ଯେ, "ମୁହମ୍ମଦ ସ.ଅଙ୍କ ଆଦେଶାନୁଯାୟୀ ଅନ୍‌ସାର ଏବଂ ପ୍ରବାସକାରୀମାନେ ଅବିଶ୍ୱାସକାରୀ କଏଦୀମାନଙ୍କ ସହିତ ଅତ୍ୟନ୍ତ ପ୍ରେମ ତଥା ସଦୟମୂଳକ ବ୍ୟାବାହାର ପ୍ରଦର୍ଶନ କଲେ । ସୁତରାଂ କେତେକ ବନ୍ଦୀମାନଙ୍କର ନିଜସ୍ୱ ସାକ୍ଷ୍ୟ ଇତିହାସର ଉକ୍ତ ଶବ୍ଦାବଳୀରେ ଚର୍ଚ୍ଚା ମିଳେ ଯେ, ଅଲ୍ଲାଃତାଲା ମଦିନାବାସୀଙ୍କର ମଙ୍ଗଳ କରନ୍ତୁ । ସେମାନେ ଆମମାନଙ୍କୁ ଅଶ୍ୱ ଏବଂ ଓଟ ଉପରେ ଆରୋହଣ କରୁଥିଲେ ଏବଂ ନିଜେ ପାଦରେ ଚାଲୁଥିଲେ । ଆମମାନଙ୍କୁ ଗହମ ଦ୍ୱାରା ପ୍ରସ୍ତୁତ ରୁଟି ଖାଇବାକୁ ଦେଉଥିଲେ ଏବଂ ନିଜେ ଖଜୁରୀ

କୋଳି ଖାଇ କାଳାତିପାତ କରୁଥିଲେ । ସେଇଥିପାଇଁ ମିଓର୍ ସାହେବ ଉଲ୍ଲେଖ କରନ୍ତି ଯେ, ମୋତେ ଏହା ଜ୍ଞାତ ହେବା ପରେ ଆଶ୍ଚର୍ଯ୍ୟ ହେବା ଅସ୍ୱାଭାବିକ ଯେ, କେତେକ କଏଦୀମାନେ ମୁସଲମାନମାନଙ୍କର ଏଭଳି ସଦ୍‌ବ୍ୟବାହରକୁ ଦେଖି ଗଭୀର ଭାବରେ ପ୍ରଭାବିତ ହୋଇ ମୁସଲମାନ ଧର୍ମରେ ଦୀକ୍ଷିତ ହୋଇଗଲେ । ବନ୍ଦୀମାନଙ୍କ ସହିତ ଯେତେବେଳେ ଏହିପରି ବ୍ୟବହାର ପ୍ରଦର୍ଶନ କରାଯାଉଥିଲା ସେତେବେଳେ ସେମାନଙ୍କ ମଧ୍ୟରୁ କେତେକ କଏଦୀ ମୁସଲମାନେ ହୋଇଗଲେ ଏବଂ ଯେଉଁ କଏଦୀମାନେ ଇସଲାମ୍ ଧର୍ମ ଗ୍ରହଣ କଲେ ନାହିଁ ସେମାନଙ୍କୁ ତୁରନ୍ତ ମୁକ୍ତ କରିଦିଆଗଲା । ଅତଏବ୍ ମୁସଲମାନ ଧର୍ମ ଗ୍ରହଣ କରି ନଥିବା କଏଦୀମାନଙ୍କ ସହିତ ମଧ୍ୟ ସଦ୍‌ବ୍ୟବହାର ପ୍ରଦର୍ଶନ ଯୋଗୁଁ ସୁପ୍ରଭାବ ପଡ଼ିଥିଲା।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ସାହିବ୍ ଜାଦା ମିର୍ଜା ବଶୀର୍ ଅହେମଦ୍ ସାହେବ, ଏମ୍.ଏ ର.ଅ, ପୃ-365)**

ବଦର୍ ଯୁଦ୍ଧର ମହତ୍ତ୍ୱ ଓ ତା'ର ପ୍ରଭାବ ସଂପର୍କରେ ଉଲ୍ଲେଖ ରହିଛି ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ଓ ଜୈଦ୍ ବିନ୍ ହାରସା ର.ଅ ଯେତେବେଳେ ବଦର୍ ଯୁଦ୍ଧର ବିଜୟର ଶୁଭ ସମାଚାର ଘେନି (ଧରି) ମଦିନା ପହଞ୍ଚିଲେ ସେତେବେଳେ ତାଙ୍କ ତୁଣ୍ଡରୁ ବିଜୟର ଶୁଭ ସମାଚାରର ଘୋଷଣା ଶୁଣି ଅଲ୍ଲାଃତାଲାଙ୍କର ଶତ୍ରୁ କାଆବ୍ ବିନ୍ ଅଶ୍ରଫ୍ ଯେକି ଜଣେ ଇହୁଦୀ ବ୍ୟକ୍ତି ଥିଲେ ସେ ଉକ୍ତ ସନ୍ଦେଶକୁ ପ୍ରତ୍ୟାଖ୍ୟାନ କରିବାକୁ ଲାଗିଲା । ସେ କହିବାକୁ ଲାଗିଲା ଯେ, ମୁହମ୍ମଦ ସ.ଅ ଯଦି ବଡ଼ ବଡ଼ ଅଧିପତିମାନଙ୍କୁ ହତ୍ୟା କରିଦେଇଛନ୍ତି ତାହାହେଲା ଭୂପୃଷ୍ଠରେ ରହିବା ଅପେକ୍ଷା ଭୂତଳରେ ରହିବା ଅଧିକ ଶ୍ରେୟସ୍କର ଅଟେ । ଅର୍ଥାତ୍ ଜୀବିତ ରହିବା ଅପେକ୍ଷା ମୃତ୍ୟୁବରଣ ଅଧିକ ଶ୍ରେୟସ୍କର ଅଟେ । **(ସିରତୁଲ୍ ହଲବିୟାହ୍, ଭାଗ-2, ପୃ-250, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2002ମସିହା)**

ଅଲ୍ଲାମା ଶିବ୍‌ଲି ନୁମାନି ନିଜର ପୁସ୍ତକରେ ବଦର୍ ଯୁଦ୍ଧଳର ଫଳାଫଳ ସଂପର୍କରେ ବର୍ଣ୍ଣନା କରି ଉଲ୍ଲେଖ କରନ୍ତି ଯେ, "ବରଦ୍ ଯୁଦ୍ଧ ଯୋଗୁଁ ଧାର୍ମିକ ଏବଂ ଦେଶୀୟ ପରିସ୍ଥିତି ଉପରେ ଧୀର ପ୍ରଭାବ ଦେଖାଦେଲା । ବାସ୍ତବରେ ତାହା ଇସଲାମ୍ ଧର୍ମର ଉନ୍ନତିର ପ୍ରଥମ ପାହାଚ ଥିଲା । କୁରେଶ୍‌ର ସମସ୍ତ ବଡ଼ ବଡ଼ ଅଧିପତିମାନଙ୍କ ମଧ୍ୟରୁ ଜଣ ଜଣ କରି ଯେଉଁମାନେ ଇସଲାମ୍ ଧର୍ମର ଉନ୍ନତି ମାର୍ଗରେ ବାଧା ସାଜିଥିଲେ ସେମାନେ ସମସ୍ତେ ନିଶ୍ଚିହ୍ନ ହୋଇଗଲେ । ଉତ୍‌ବା ଓ ଅବୁ ଜହଲ୍‌ର ମୃତ୍ୟୁ ପରେ ସର୍ବସାଧାରଣ ଜନତା କୁରେଶ୍ ରାଜ୍ୟର ରାଜ ମୁକୁଟ ଅବୁ ସୁଫିୟାନ୍ ମସ୍ତକରେ ରଖିଲେ । ଫଳତଃ ଉମୱୀ (ବନୁ ଉମୈୟାହ୍ ସଂପ୍ରଦାୟ ଆଡ଼କୁ ଇଙ୍ଗିତ ହେଉଥିବା) ଶାସନ ପ୍ରାରମ୍ଭ ହେଲା । କିନ୍ତୁ କୁରେଶ୍‌ର ପ୍ରକୃତ ବଳ ଏବଂ ଶକ୍ତିର ସ୍ତର ହ୍ରାସ ପାଇଲା । ମଦିନାରେ ଏପର୍ଯ୍ୟନ୍ତ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍ ଖୋଲମ୍‌ଖୋଲା ଅବିଶ୍ୱାସକାରୀ ଥିଲେ । କିନ୍ତୁ ବର୍ତ୍ତମାନ ପ୍ରକାଶ୍ୟ ରୂପେ ସେ ଇସଲାମ୍ ଧର୍ମର ପରିଧି ମଧ୍ୟକୁ ଆସିଗଲା । ବଦର୍ ଯୁଦ୍ଧ ବିଜୟ ପରେ ସେ ପ୍ରକାଶ୍ୟ ରୂପେ ଇସଲାମ୍ ଧର୍ମ ସ୍ୱୀକାର କରିନେଲା । ଅର୍ଥାତ୍ ସମଗ୍ର ଜୀବନ କପଟବିଶ୍ୱାସ ହି ଅବସ୍ଥାରେ ହିଁ ଜୀବନ ଉତ୍ସର୍ଗ କରିଦେଲା । ଆରବବାସୀମାନେ ଘଟଣାର ଯେଉଁ ପରମ୍ପରାକୁ ଅବଲୋକନ କରୁଥିଲେ ତାହାକୁ ଅନୁକରଣ କଲେ ନାହିଁ। କିନ୍ତୁ ସେମାନେ ଭୟତ୍ରସ୍ତ ହୋଇଗଲେ ।" ଅନେକ ସଂପ୍ରଦାୟ ଯଦିଚ ମୁସଲମାନ ହେଲେ ନାହିଁ, କିନ୍ତୁ ବିଜୟକୁ ଦେଖି ସେମାନେ ଅବଶ୍ୟ ଭୟଭୀତ ହୋଇଗଲେ। ମୁସଲମାନମାନଙ୍କ ବିରୁଦ୍ଧରେ ସେମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବନ୍ଦ କରି ଦେଲେ କିମ୍ବା ନିଜେ ଭୟଭୀତ ହୋଇଗଲେ । "ପରିସ୍ଥିତି ଅନୁକୂଳ ସହିତ ବିପରୀତ ସାଧନରେ ମଧ୍ୟ ବିପ୍ଳବ ସୃଷ୍ଟି ହୋଇଗଲା । ଇହୁଦୀମାନଙ୍କ ସହିତ ଚୁକ୍ତି ହୋଇ ସାରିଥିଲା ଯେ, ସେମାନେ ପ୍ରତ୍ୟେକ ପ୍ରସଙ୍ଗରେ ଏକାପରି ରହିବେ । କିନ୍ତୁ ସେହି ଜ୍ୱଳନ୍ତ ବିଜୟ ସେମାନଙ୍କ ମଧ୍ୟରେ ଈର୍ଷାର ବହ୍ନି ପ୍ରଜ୍ୱଳିତ କରିଦେଲା ଏବଂ ସେମାନେ ସେହି ବହ୍ନିକୁ ଆୟତ୍ତ କରିପାରିଲେ ନାହିଁ.....କୁରେଶ୍‌ମାନେ ପ୍ରଥମେ କେବଳ ହକ୍ରମୀର ବିୟୋଗ ଯୋଗୁଁ କ୍ରନ୍ଦନ କରୁଥିଲେ ତାହା ନୁହେଁ । ବରଂ ବଦର୍ ଯୁଦ୍ଧ ପରେ ଘରେ ଘରେ ରୋଦନ ଏବଂ ବିଳାପମୟ, ଶୋକାକୁଳ ପରିବେଶ ଥିଲା। ବଦର୍ ଯୁଦ୍ଧରେ ମୃତ୍ୟୁବରଣ କରିଥିବା ଅବିଶ୍ୱାସକାରୀମାନଙ୍କର ପ୍ରତିଶୋଧ ନେବା ନିମନ୍ତେ ମକ୍କାର ଆବାଳ ବୃଦ୍ଧ ବନୀତା ବ୍ୟାକୁଳିତ ଏବଂ ଆତୁର ଥିଲେ । ସୁତରାଂ ସୁୱୈକ୍‌ର ଘଟଣା ଏବଂ ଓହୋଦ୍ ଯୁଦ୍ଧ ସେହି ଉତ୍ସାହର ପରିପ୍ରାକାଶ ଏବଂ ପରିଣାମ ଥିଲା ।" **(ସିରତୁନ୍ ନବୀ ସ.ଅ, ଲେଖକ- ଶିବ୍‌ଲୀ ନୁମାନୀ, ଭାଗ-1, ପୃ-210-211, ପ୍ରକାଶକ-ଅର୍ଜିତ୍ ପ୍ୟାକେଜର୍ସ, ଲାହୋର-1408 ହି.)**

ହ. ମିର୍ଜା ବଶୀର୍ ଅହେମଦ ସାହେବ ବଦର୍ ଯୁଦ୍ଧ ବିଜୟର ଫଳାଫଳ ସଂପର୍କରେ ଉଲ୍ଲେଖ କରି କୁହନ୍ତି: "ଏପର୍ଯ୍ୟନ୍ତ ମଦିନାରେ ଓସ୍ ସଂପ୍ରଦାୟ ଏବଂ ଖଜରଜ ସଂପ୍ରଦାୟର ଅନେକ ଲୋକମାନେ ଶିର୍କ ଉପରେ ଅବିଚଳ ରହିଥିଲେ । ଅର୍ଥାତ୍ ଶିର୍କ କରୁଥିଲେ । ବଦର୍ ଯୁଦ୍ଧ ସେହି ଲୋକମାନଙ୍କ ମଧ୍ୟରେ ଏକ ସକ୍ରିୟତା (ଆଲୋଡ଼ନ) ସୃଷ୍ଟି କରିଦେଇଥିଲା ଏବଂ ସେମାନଙ୍କ ମଧ୍ୟରୁ ଅନେକ ଲୋକମାନେ ଆଁହଜରତ ସ.ଅଙ୍କ ଏହି ମହାନ ଏବଂ ଅନନ୍ୟ ଚମତ୍କାରିକତାକୁ ଅବଲୋକନ କରି ଇସଲାମ୍ ଧର୍ମର ସତ୍ୟତାର ସ୍ୱୀକାରୋକ୍ତି ପ୍ରକାଶକାରୀ ହୋଇଗଲେ । ଏତଦ୍‌ପରେ ମଦିନାରୁ ପ୍ରତିମା ପୂଜା, ମୂର୍ତ୍ତି ଉପାସନା ଦ୍ରୁତ ଗତିରେ ହ୍ରାସ ପାଇବାକୁ ଆରମ୍ଭ ହୋଇଗଲା । କିନ୍ତୁ ଏପରି କେତେକ ବ୍ୟକ୍ତିମାନେ ମଧ୍ୟ ରହିଥିଲେ ଯେଉଁମାନଙ୍କ ହୃଦୟରେ ଇସଲାମ୍ ଧର୍ମର ବିଜୟ ବିଦ୍ୱେଷର ବହ୍ନି (ନିଆଁ) ପ୍ରଜ୍ୱଳିତ କରିଦେଲା । ସେମାନେ ଖୋଲମଖୋଲା ବିରୋଧ କରିବାକୁ ନିୟମ ତଥା ପରିସ୍ଥିତି ବିରୁଦ୍ଧୀୟ ବୋଲି ମନେକରି ଇସ୍‌ଲାମ୍ ଧର୍ମ ସ୍ୱୀକାର ତ' କରିନେଲେ । କିନ୍ତୁ ଭିତରେ ଭିତରେ ଇସ୍‌ଲାମ୍ ଧର୍ମକୁ ସମୂଳେ ବିନାଶ କରିବା ନିମନ୍ତେ ପ୍ରସ୍ତୁତ ହୋଇ କପଟବିଶ୍ୱାସୀମାନଙ୍କ ଗୋଷ୍ଠୀରେ ଯାଇ ସାମିଲ ହୋଇଗଲେ । ପୂର୍ବେ ବର୍ଣ୍ଣିତ ହୋଇଥିବା ସେହି କପଟବିଶ୍ୱାସୀ ଲୋକମାନଙ୍କ ମଧ୍ୟରେ ସର୍ବାଗ୍ରେ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍ ଥିଲା ଯିଏ ଖଜରଜ୍ ସଂପ୍ରଦାୟର ଏକ ବିଖ୍ୟାତ ଅଧିପତି ଥିଲା ଏବଂ ଆଁହଜରତ ସ.ଅଙ୍କ ମଦିନା ଆଗମନ ଯୋଗୁଁ ନିଜର ଅଧିପତିତ୍ୱ ଛିନ୍ନ ହୋଇଯିବାର ଆଘାତ (ଦୁଃଖ) ସହ୍ୟ କରି ସାରିଥିଲା । ଉକ୍ତ ବ୍ୟକ୍ତି ଜଣକ ବଦର୍ ଯୁଦ୍ଧ ପରେ ମୁସଲମାନ ହୋଇଗଲା । କିନ୍ତୁ ତା'ର ହୃଦୟ ଇସଲାମ୍ ଧର୍ମ ବିରୁଦ୍ଧରେ ଈର୍ଷା, ଦ୍ୱେଷ ଏବଂ ଶତ୍ରୁତା ଦ୍ୱାରା ପରିପୂର୍ଣ୍ଣ ଥିଲା ଏବଂ ଶତ୍ରୁମାନଙ୍କର ଅଧିପତି ହୋଇ ସେ ଗୁପ୍ତ ଇସଲାମୀୟ ଏବଂ ଆଁହଜରତ ସ.ଅଙ୍କର ବିରୁଦ୍ଧରେ ଷଡ଼ଯନ୍ତ୍ରର ପରମ୍ପରା ତଥା ଅଭିଯାନ ଆରମ୍ଭ କରିଦେଲା ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ହ. ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-376)**

ଆପଣ ର.ଅ ଅତିରିକ୍ତ କୁହନ୍ତି: "ବଦର୍ ଯୁଦ୍ଧର ପ୍ରଭାବ ଉଭୟ ମୁସଲମାନ ଏବଂ ଅବିଶ୍ୱାସକାରୀମାନଙ୍କ ପାଇଁ ସଦୂରପ୍ରସାରୀ ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥିଲା। ଅତଃ ଇସ୍‌ଲାମ୍ ଧର୍ମର ଇତିହାସରେ ଉକ୍ତ ଯୁଦ୍ଧକୁ ଏକ ବିଶେଷ ମର୍ଯ୍ୟାଦା ପ୍ରାପ୍ତ ହୋଇଛି । ଏପର୍ଯ୍ୟନ୍ତକି ପବିତ୍ର କୁରଆନ୍ କରୀମ୍‌ରେ ଉକ୍ତ ଯୁଦ୍ଧର ନାମ **ୟୌମୁଲ୍ ଫୁର୍କାନ** ବୋଲି ଅଭିହିତ କରାଯାଇଛି । ଅର୍ଥାତ୍ ସେହି ଦିନି ଯେବେ ଇସଲାମ୍ ଧର୍ମ ଏବଂ ଅବଜ୍ଞା ମଧ୍ୟରେ ଏକ ସ୍ପଷ୍ଟ ତଥା ଚୂଡ଼ାନ୍ତ ନିର୍ଣ୍ଣୟ ହୋଇଗଲା । ନିଃସନ୍ଦେହ ବଦର୍ ଯୁଦ୍ଧ ପରେ ମଧ୍ୟ କୁରୈଶ ଓ ମୁସଲମାନମାନଙ୍କ ମଧ୍ୟରେ ଯୁଦ୍ଧ ହେଲା ଏବଂ ଅତି ଭୟଙ୍କର ଯୁଦ୍ଧ ହେଲା ଏବଂ ମୁସଲମାନମାନଙ୍କ ଉପରେ ଅତ୍ୟନ୍ତ ସମ୍ବେଦନଶୀଳ ମୁହୂର୍ତ୍ତ ମଧ୍ୟ ଆସିଲା । କିନ୍ତୁ ବଦର୍ ଯୁଦ୍ଧରେ ମକ୍କାର ଅବିଶ୍ୱାସକାରୀମାନଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଥିଲା ଏବଂ ଏହାକୁ କୌଣସି ଅସ୍ତ୍ରୋପଚାର ଦ୍ୱାରା ଠିକ୍ କରାଯାଇ ପାରିବ ନାହିଁ । ମୃତକମାନଙ୍କ ଦୃଷ୍ଟିରୁ ଏହା କୌଣସି ବିରାଟ ବଡ଼ ପରାଜୟ ନଥିଲା । କିନ୍ତୁ କୁରୈଶ୍ ଭଳି ସଂପ୍ରଦାୟରୁ 70 ଜଣ କୁରୈଶ୍ ସିପାହୀମାନଙ୍କର ନିହତ ହେବା କଦାପି କୌଣସି ବିନାଶ ବୋଲି କୁହାଯାଇ ପାରିବ ନାହିଁ । ଓହୋଦ୍ ଯୁଦ୍ଧରେ ଏହି ସଂଖ୍ୟା ମୁସଲମାନମାନଙ୍କର ଥିଲା । କିନ୍ତୁ ଏହି କ୍ଷତି ମୁସଲମାନମାନଙ୍କର ବିଜୟ ମାର୍ଗରେ କୌଣସି ସାମୟିକ ବାଧା ଏବଂ ପ୍ରତିବନ୍ଧକ ସାବ୍ୟସ୍ତ ହେଲା ନାହିଁ । କିନ୍ତୁ ମୁସଲମାନମାନେ ସେତେବେଳେ ଅତ୍ୟନ୍ତ ଦୁର୍ବଳ ଥିଲେ । ପୁନଶ୍ଚ କ'ଣ କାରଣ ରହିଥିଲା ଯେ, ବଦର୍ ଯୁଦ୍ଧକୁ ୟୌମୁଲ୍ ଫୁର୍କାନ ବୋଲି କୁହାଯାଏ ? ଉକ୍ତ ପ୍ରଶ୍ନର ଉତ୍ତରରେ ସର୍ବୋତ୍କୃଷ୍ଟ ଶବ୍ଦ ମଧ୍ୟ ନିହିତ ରହିଛି ଯାହାକୁ ପବିତ୍ର କୁରଆନ୍ କରୀମ୍ ବର୍ଣ୍ଣନା କରିଛି ତାହା ଏହିପରି ଯେ, يَقْطَعَ دَابِرَ الْكَافِرِينَ ଅର୍ଥାତ୍ ନିଃସନ୍ଦେହ ସେଦିନ ଅବଜ୍ଞାକାରୀଙ୍କ ମୂଳକୁ କର୍ତ୍ତନ କରି ଦିଆଯାଇଥିଲା । ଅର୍ଥାତ୍ ବଦର୍ ଯୁଦ୍ଧର ପ୍ରହାର ଅବିଶ୍ୱାସକାରୀମାନଙ୍କର ମୂଳରେ ବାଜିଥିଲା । ଫଳତଃ ତାହା 2 ଖଣ୍ଡ ହୋଇ ଯାଇଥିଲା । ଯଦି ଉକ୍ତ ପ୍ରହାର ମୂଳ ବଦଳରେ ଶାଖା ଉପରେ କରାଯାଇଥାଆନ୍ତା ତେବେ ଏହା ତା'ର ଯେତେ କ୍ଷତି ଘଟାଇ ଥାଆନ୍ତା ସେହି କ୍ଷତି ବଦଳରେ ତାହା ତୁଚ୍ଛ ହୋଇଥାଆନ୍ତା । କିନ୍ତୁ ମୂଳରେ ବାଜିଥିବା ପ୍ରହାର ପ୍ରତ୍ୟେକ ସବୁଜ ବୃକ୍ଷକୁ ଦେଖୁ ଦେଖୁ ଏକ ଶୁଷ୍କ ଇନ୍ଧନ ଅର୍ଥାତ୍ ଜାଳେଣୀ (ଥୁଣ୍ଟା ଗଛ ଓ ଶୁଷ୍କ କାଠ)ରେ ପରିଣତ କରିଦେଲା ଏବଂ କେବଳ ସେହି ଶାଖା ଜୀବିତ ରହିଲା ଯାହା ଶୁଷ୍କ ହେବା ପୂର୍ବରୁ ଅନ୍ୟ ବୃକ୍ଷ ସହିତ ସଂଶ୍ଳିଷ୍ଟ ହୋଇଗଲା । ସୁତରାଂ ବଦର୍ ଭୂମିରେ କୁରୈଶ୍‌ମାନଙ୍କର କ୍ଷତିର ପରିମାପକ ଏହା

### ଅଲ୍ଲାଃତାଲାଙ୍କ ବାଣୀ

"ୱମା ଅରସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

### ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ନଥିଲା ଯେ, କେତେ ସୈନ୍ୟ ପ୍ରାଣ ହରାଇଲେ । ବରଂ କ୍ଷତିର ମାପକ ଏହା ଥିଲା କି କିଏ କିଏ ମୃତ୍ୟୁବରଣ କଲେ ଏବଂ ଯେତେବେଳେ ଆମେମାନେ ଉକ୍ତ ଦୃଷ୍ଟିକୋଣ ଅନୁଯାୟୀ କୁରୈଶ୍‌ର ମୃତକମାନଙ୍କ ଉପରେ ଦୃଷ୍ଟିପାତ କରୁ ସେତେବେଳେ ଉକ୍ତ କଥାର ଟିକିଏ ହେଲେ ମଧ୍ୟ ଦ୍ୱନ୍ଦ୍ୱ ଏବଂ ସଂଶୟ ରହୁ ନାହିଁ ଯେ, ବଦର୍ ଯୁଦ୍ଧରେ ପ୍ରକୃତରେ କୁରୈଶ୍‌ମାନଙ୍କର ମୂଳକାଟ ହୋଇଥିଲା । ଉତ୍‌ବା, ଶୈବା, ଉମୈୟାହ୍ ବିନ୍ ଖଲ୍‌ଫ୍ ଓ ଅବୁ ଜହଲ୍ ଏବଂ ଉକ୍‌ବା ବିନ୍ ଉବୈ ବିନ୍ ମୁଇତ୍ ଏବଂ ନୁଜୈର ବିନ୍ ହାରିସ୍ ଆଦି କୁରୈଶ୍‌ମାନଙ୍କର ଜାତୀୟ ଜୀବନର ପ୍ରାଣପିଣ୍ଡ ଥିଲେ ଏବଂ ଉକ୍ତ ଆତ୍ମାମାନେ ବଦର୍ ଭୂମିରେ କୁରୈଶ୍‌ମାନଙ୍କ ଠାରୁ ସଦା ସର୍ବଦା ପାଇଁ ଉଡ଼ିଗଲେ ଏବଂ ସେମାନେ ନିର୍ଜୀବ ଶରୀର ପାଲଟିଗଲେ । ଏହା ସେହି ବିନାଶ ଥିଲା ଯଦ୍ଦ୍ୱାରାକି ବଦର୍ ଯୁଦ୍ଧକୁ ୟୌମୁଲ୍ ଫୁର୍କାନ୍ ନାମରେ ଅଭିହିତ କରାଗାଲ ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ସାହେବ୍‌ଜାଦା ହ. ମିର୍ଜା ବଶୀର ଅହେମଦ ସାହେବ ଏମ୍.ଏ ର.ଅ, ପୃ-371-372)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ତତ୍‌ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି ଯେ, ଆପଣ ର.ଅ କୁହନ୍ତି ଯେ, ଏହା ହିଁ ସେହି ଯୁଦ୍ଧ ଯାହାର ନାମ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ୟୌମୁଲ୍ ଫୁର୍କାନ ବୋଲି ନାମିତ କରିଛନ୍ତି ଏବଂ ଏହା ହିଁ ସେହି ଯୁଦ୍ଧ ଯହିଁରେ ଆରବମାନଙ୍କର ସେହି ଅଧିପତିମାନେ ଯେଉଁ ଏହି ଦାବି କରି ନିଜ ଘରୁ ବାହାରିଥିଲେ ଯେ, ସେମାନେ ଇସ୍‌ଲାମ୍ ଧର୍ମର ନାମକୁ ସର୍ବଦୈବ ପାଇଁ ନିଶ୍ଚିହ୍ନ ତଥା ମୂଳପୋଛ କରିଦେବେ, ସେମାନେ ନିଜେ ନିଶ୍ଚିହ୍ନ୍ ହୋଇଗଲେ ଏବଂ ଏପରି ନିଶ୍ଚିହ୍ନ ହେଲେ ଯେ, ଆଜି ସେମାନଙ୍କର ନାମ ନେଲାବାଲା ମଧ୍ୟ କେହି ଜୀବିତ ନାହିଁ । ଯଦିବି କେହି ଅଛି ତେବେ ନିଜକୁ ସେମାନଙ୍କ ଆଡ଼କୁ ଇଙ୍ଗିତ କରିବା ଏବଂ ଗର୍ବ ବୋଲି ବିଚାର କରିବାକୁ ଲଜ୍ଜା ବୋଲି ମନେକରିଥାଏ । ଅତଏବ୍ ଉକ୍ତ ଯୁଦ୍ଧରେ ଅଲ୍ଲାଃତାଲା ମୁସଲମାନମାନଙ୍କୁ ମହା ବିଜୟ ପ୍ରଦାନ କରିଥିଲେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ହ. ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ଅନୱାରୁଲ୍ ଉଲୁମ୍, ଭାଗ-1, ପୃ-610)**

ହ. ମୁସ୍‌ଲେହ୍ ମଉଦ୍ ର.ଅ ପୁନଶ୍ଚ କୁହନ୍ତି ଯେ, ତହିଁରେ କୌଣସି ସନ୍ଦେହ ନାହିଁ ଯେ, ମୁସଲମାନମାନଙ୍କ ଉପରେ ଏହାପରେ ମଧ୍ୟ ଅତ୍ୟାଚାର ହେଉଥିଲା ଏବଂ ଅବଜ୍ଞାକାରୀମାନଙ୍କ ସହିତ ମଧ୍ୟ ଅନେକ ଯୁଦ୍ଧ କରିବାକୁ ପଡ଼ିଥିଲା । କିନ୍ତୁ ତହିଁରେ କୌଣସି ସନ୍ଦେହର ଅବକାଶ ନାହିଁ ଯେ, ବଦର୍ ଯୁଦ୍ଧ ଅବଜ୍ଞାକାରୀମାନଙ୍କର ଶକ୍ତିକୁ ସଂପୂର୍ଣ୍ଣ ରୂପେ ଭାଙ୍ଗି ଦେଇଥିଲା ଏବଂ ମୁସଲମାନମାନଙ୍କର ଭବ୍ୟତା ସେମାନଙ୍କ ଉପରେ ଉଦ୍‌ଘାଟିତ ହୋଇଯାଇଥିଲା ।

ବଦର୍ ଯୁଦ୍ଧ ଯାହାକୁ ପବିତ୍ର କୁରଆନ୍ କରୀମ୍ ୟୌମୁଲ୍ ଫୁର୍କାନ ବୋଲି ବିବେଚିତ କିରଛି, ତତ୍‌ସଂପର୍କରେ ବାଇବେଲ୍‌ରେ ମଧ୍ୟ ଭବିଷ୍ୟବାଣୀ ଉଲ୍ଲେଖ ରହିଛି । ସୁତରାଂ ୟସ୍‌ଇୟାହ୍, ବାବ୍-21, ଆୟତ୍-13-17ରେ ଆରବୀୟଙ୍କ ସଂପର୍କରେ ଐଶୀବାଣୀ ଉଲ୍ଲେଖ ରହିଛି ଯେ, " ଆରବ୍ୟ ମରୁଭୂମିରେ ତୁମେମାନେ ରାତ୍ରୀ ଯାପନ କରିବ, ହେ ଦୱାନିମାନଙ୍କର ଯାତ୍ରୀଦଳ ! ଜଳ ଧରି ତୃଷାର୍ତ୍ତ ବ୍ୟକ୍ତିର ସ୍ୱାଗତ କରିବା ନିମନ୍ତେ ଧାଇଁ ଆସ । ହେ ତିମା ଭୂମିର ଅଧିବାସୀ ! ରୁଟି ଧରି ପଳାୟନ କରୁଥିବା ବ୍ୟକ୍ତିକୁ ସାକ୍ଷାତ୍ କରିବା ନିମନ୍ତେ ବାହାରିପଡ଼ି । କାରଣ ସେ ଖଡ଼୍‌ଗ ସମ୍ମୁଖରୁ ଫୁଙ୍ଗୁଳା ଖଡ଼୍‌ଗରୁ ଏବଂ ଟଣା ହୋଇଥିବା ତୀର କମାଣ ଠାରୁ ଏବଂ ଯୁଦ୍ଧ ବିଭୀଷିକାରୁ ପଳାୟନ କରିଛନ୍ତି । କାରଣ ପ୍ରଭୁ ମୋତେ ଏହିପରି କହିଛନ୍ତି । ବର୍ତ୍ତମାନ ଏକ ବର୍ଷ, ହଁ ମୂଲିଆ ପରି ଠିକ୍ ଏକ ବର୍ଷ ମଧ୍ୟରେ କୈଦାର୍‌ର ସମସ୍ତ ମର୍ଯ୍ୟାଦା ଛିନ୍ନ ହେବ ଏବଂ ଧନୁର୍ଦ୍ଧରମାନଙ୍କ ମଧ୍ୟରୁ ଯେଉଁମାନେ ଜୀବିତ ରହିଲେ, ସେହି କୈଦାର୍‌ର ସାହାସୀ ଲୋକମାନଙ୍କର ସଂଖ୍ୟା ହ୍ରାସ ପାଇବ । କାରଣ ଇସ୍ରାଇଲ୍‌ର ପରମେଶ୍ୱର ଏହିପରି କହିଛନ୍ତି ।"

ଆପଣ ର.ଅ କୁହନ୍ତି ଯେ, ୟସ୍‌ଇୟାହ୍ ନବୀର ଉକ୍ତ ବାଣୀରେ ଏହି ଭବିଷ୍ୟତବାଣୀ କରାଯାଇଛି ଯେ, ପ୍ରବାସ କାଳର ଠିକ୍ ଏକ ବର୍ଷ ଅତିକ୍ରାନ୍ତ ହେବା ପରେ ଆରବରେ ଏଭଳି ଏକ ଯୁଦ୍ଧ ହେବ ଯହିଁରେ କୈଦାର୍‌ର ସମସ୍ତ ମର୍ଯ୍ୟାଦା ଧୂଳିସାତ୍ ହୋଇଯିବ ଏବଂ ଯେଉଁମାନେ ଆଁହଜରତ ସ.ଅଙ୍କ ଉପରେ ପଳାୟନ କରିବାର ଲାଞ୍ଛନ ଲଗାଉଥିଲେ ସେମାନେ ନିଜର ସୈନ୍ୟ ସାମନ୍ତଙ୍କ ଉପସ୍ଥିତିରେ ପଳାୟନ କରିବେ । ତାହା ପୁଣି ଏଭଳି ପରିସ୍ଥିତିତରେ ଯେତେବେଳେ ସେନାପତି ଏବଂ ସେମାନଙ୍କର ମନ୍ତ୍ରୀମାନଙ୍କର ଶବ ଯୁଦ୍ଧ ଭୂମିରେ ପଡ଼ି ରହିଥିବା। ପରିଶେଷରେ ମକ୍କା ଉପତ୍ୟକା ନିଜର ସେନପତିକୁ ହରାଇ ନିଜର ସେହି ମର୍ଯ୍ୟାଦା, ଖ୍ୟାତି ଏବଂ ଗୌରବକୁ ସଂପୂର୍ଣ୍ଣ ରୂପେ ହରାଇ ବସିବ ଯାହାକି ଏହା ପୂର୍ବରୁ ତା'କୁ ପ୍ରାପ୍ତ ହୋଇଥିଲା । ଏହିପରି ଭାବରେ ପବିତ୍ର କୁରଆନ୍ କରୀମ୍ ଏକ ଏକାଦଶ ରାତ୍ର ସଂପର୍କରେ ଏହି ଭବିଷ୍ୟବାଣୀ ପ୍ରଦାନ କରିଥିଲା ଯେ, ପ୍ରବାସର ଠିକ୍ ଏକ ବର୍ଷ ପରେ କୁଫ୍ଫାର (ଅବଜ୍ଞାକାରୀ)ଙ୍କର ସମସ୍ତ ଶକ୍ତି ଛିନ୍ନ ଏବଂ ଭଗ୍ନ ହୋଇଯିବ ଓ ମୁସଲମାନମାନଙ୍କ ନିମନ୍ତେ ବିଜୟ ତଥା ସଫଳତାର ସକାଳ ଉଦିତ ହୋଇଯିବ । ସୁତରାଂ ଠିକ୍ ଏକ ବର୍ଷ ପରେ ବଦର୍ ଯୁଦ୍ଧ ହେଲା ଯହିଁରେ ଅବଜ୍ଞାକାରୀମାନଙ୍କର ବଡ଼ ବଡ଼ ବରିଷ୍ଠ ନେତା ଏବଂ ଅଧିପତିମାନେ ନିହତ ହେଲେ ଏବଂ ମୁସଲମାନମାନେ ସେମାନଙ୍କ ଉପରେ ଜାଜ୍ୱଲ୍ୟମାନ ବିଜୟ ପ୍ରାପ୍ତ କରିଥିଲେ ।"

ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଦେଖିନିଅ ! ମଦିନାରେ ଆସିବା ପରେ ପ୍ରଥମେ ରମ୍‌ଜାନ ମାସ ପର୍ଯ୍ୟନ୍ତ ଉକ୍ତ ଭବିଷ୍ୟବାଣୀକୁ ଦଶ ବର୍ଷ ପୂରି ଯାଇଥିଲା ଏବଂ ରମଜାନ ମାସ ଠାରୁ ଠିକ୍ ଏକାଦଶ ବର୍ଷ ପ୍ରାରମ୍ଭ ହୋଇଥିଲା । ସେହି ଏକ ବର୍ଷ ବିତିବା ପରେ ଆସନ୍ତା ବର୍ଷ 17 ରମ୍‌ଜାନ୍ ମାସ ବେଳକୁ ବଦର୍ ଯୁଦ୍ଧ ହେଲା ଯହିଁରେ ବଡ଼ ବଡ଼ ତଥା ବରିଷ୍ଠ ଅବଜ୍ଞାକାରୀମାନେ ପ୍ରାଣ ହରାଇଲେ ଏବଂ ସେମାନଙ୍କର ଅତ୍ୟାଚାରମୂଳକ ଆକ୍ରମଣର ଅନ୍ତ ଘଟିଲା । ଅର୍ଥାତ୍ ଏକାଦଶ ରାତ୍ର ଯାହାକି ମୁସଲମାନମାନଙ୍କ ଉପରେ ଆସିଲା ତାହା ଠିକ୍ ଏକ ବର୍ଷ ବିତିବା ପରେ ଦୂରୀଭୂତ ହୋଇଗଲା ଏବଂ ମୁସଲମାନମାନେ ବିଜୟ ଓ ସଫଳତାର ସକାଳ ଅଲ୍ଲାଃତାଲାଙ୍କ କୃପା ଏବଂ ତାହାଙ୍କ ସାହାଯ୍ୟ ଓ ସମର୍ଥନ ବଳରେ ଅବଲୋକନ କରିନେଲେ ।"

**(ତଫ୍‌ସିର୍ କବିର୍, ଭାଗ-8, ପୃ-515)**

ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିବା ସାହାବାମାନଙ୍କ ମର୍ଯ୍ୟାଦା ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ହ. ଜିବ୍ରାଇଲ୍ ଅ.ସ ନବୀ କରୀମ୍ ସ.ଅଙ୍କ ନିକଟକୁ ଆସିଲେ ଏବଂ କିହଲେ, ହେ ମୁହମ୍ମଦ୍ ସ.ଅ ! ଆପଣ ମୁସଲମାନମାନଙ୍କୁ ଏବଂ ବଦର୍ ବାସୀଙ୍କୁ କେଉଁ ମର୍ଯ୍ୟାଦା ପ୍ରଦାନ କରୁଛନ୍ତି ? ଆପଣ ସ.ଅ କହିଲେ, ସର୍ବୋତ୍କୃଷ୍ଟ ମୁସଲମାନ ଅବା ଏହିପରି କୌଣସି ପଦ କହିଲେ । ହ. ଜିବ୍ରାଇଲ୍ ଅ.ସ କହିଲେ, ଏହିପରି ସେହି ଦେବଦୂତମାନେ ମଧ୍ୟ ସର୍ବଶ୍ରେଷ୍ଠ ଅଟନ୍ତି ଯେଉଁମାନେ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । **(ସହିଉଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ଶୁହୁଦୁଲ୍ ମଲାଇକତୁ ବଦ୍‌ରିନ୍, ହଦିସ୍ ନଂ-3992)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣା ଯାହାକୁ ମୁଁ ବର୍ତ୍ତମାନ ବର୍ଣ୍ଣନା କରିବାକୁ ଲାଗିଛି ତାହା ପୂର୍ବେ ହ. ଅଲୀ ର.ଅଙ୍କ ଜୀବନୀରେ ବର୍ଣ୍ଣନା ହୋଇ ସାରିଛି। କିନ୍ତୁ ଏଠାରେ ମଧ୍ୟ ଏହାର ମହତ୍ତ୍ୱକୁ ଦୃଷ୍ଟି ସମ୍ମୁଖରେ ରଖି ବର୍ଣ୍ଣନା କରିଦଉଛି । ଉବୈଦୁଲ୍ଲାଃ ବିନ୍ ଅବି ରାଫେ କହିଲେ, ମୁଁ ଏହି ହଦିସ୍ ହ. ଅଲୀ ର.ଅଙ୍କ ଠାରୁ ଶୁଣିଲି, ସେ କହୁଥିଲେ ଯେ, ରସୁଲୁଲ୍ଲାଃ ସ.ଅ ମୋତେ ଜୁବୈର୍ ଓ ମିକ୍‌ଦାଦ୍ ବିନ୍ ଅସ୍‌ୱଦ୍‌ଙ୍କୁ ପ୍ରେରଣ କଲେ । ଆପଣ ସ.ଅ କହିଲେ, ତୁମେ ଯାଅ ! ତୁମେ ଯେତେବେଳେ ଖାଖ୍ କବର ନିକଟରେ ପହଞ୍ଚିବ ସେତେବେଳେ ତୁମେ ସେଠାରେ ଜଣେ ମହିଳାକୁ ଏମୁ ପକ୍ଷୀ ଉପରେ ଆରୋହଣ ହୋଇଥିବାର ଅବଲୋକନ କରିବ । ତା' ନିକଟରେ ଏକ ପତ୍ର ରହିଛି, ତେଣୁ ତୁମେ ସେହି ମହିଳା ଠାରୁ ଉକ୍ତ ପତ୍ର ନେଇ ନେବ । ଆମେମାନେ ବାହାରି ପଡ଼ିଲୁ, ଆମେ ନିଜର ଅଶ୍ୱକୁ ଦ୍ରୁତ ବେଗରେ ଦଉଡ଼ାଇଲୁ । ଆମେମାନେ ଯେତେବେଳେ ଖାଖ୍ କବର ନିକଟରେ ପହଞ୍ଚିଲୁ ସେତେବେଳେ ସେତେବେଳେ ଆମେମାନେ ଏହା ଅବଲୋକନ କଲୁ ଯେ, ସେଠାରେ ଜଣେ ମହିଳା ଏମୁ ପକ୍ଷୀ ଉପରେ ଆରୋହଣ ହୋଇ ଉପସ୍ଥିତ ଅଛି । ଆମେମାନେ ଉକ୍ତ ମହିଳାକୁ କହିଲୁ, ହେ ମହିଳା ! ପତ୍ର କାଢ । ଉକ୍ତ ମହିଳା ଜଣକ କହିବାକୁ ଲାଗିଲା, କେଉଁ ପତ୍ର ? କାହିଁ ମୋ ନିକଟକେ ତ' କୌଣସି ପତ୍ର ନାହିଁ। ଆମେମାନେ ଉକ୍ତ ମହିଳାକୁ କହିଲୁ, ତୁମକୁ ପତ୍ର କାଢିବାକୁ ହିଁ ପଡ଼ିବ ଅନ୍ୟଥା ଆମେମାନେ ତୁମକୁ ନିର୍ବସ୍ତ୍ର କରିଦେବୁ ଏବଂ ତୁମର ତଲାଶୀ ନେବୁ । ପ୍ରତ୍ୟୁତ୍ତରରେ ଉକ୍ତ ମହିଳା ଜଣକ ନିଜର ଗଭା (ବେଣୀ)ରୁ ପତ୍ର ବାହାର କଲା । ଆମେମାନେ ଉକ୍ତ ପତ୍ରକୁ ଧରି ଆଁହଜରତ ସ.ଅଙ୍କ ପାଖକୁ ଚାଲି ଆସିଲୁ । ଆମେମାନେ ଦେଖିଲୁ ଯେ, ଉକ୍ତ ପତ୍ରରେ ଏହା ଉଲ୍ଲେଖ ଥିଲା ଯେ, ପ୍ରେରକ-ହାତିବ୍ ବିନ୍ ଅବି ବଲ୍‌ତା, ପ୍ରାପକ-ମକ୍କାବାସୀଙ୍କ ଅବଜ୍ଞାକାରୀ । ହାତିବ୍ ବିନ୍ ଅବି ବଲତା ମକ୍କାବାସୀଙ୍କୁ ଆଁହଜରତ ସ.ଅଙ୍କ କୌଣସି ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେବାକୁ ଚାହୁଁଥିଲା । ରସୁଲୁଲ୍ଲାଃ ସ.ଅ ହାତିବ୍‌କୁ ଡକାଇଲେ ଏବଂ ତା'କୁ କହିଲେ,

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ହେ ହାତିବ୍ ! ଏଇଟା କ'ଣ ?  ସେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋ ସଂପର୍କରେ ଆପଣ ସ.ଅ ଶୀଘ୍ରତା ପ୍ରଦର୍ଶନ କରନ୍ତୁ ନାହିଁ । ମୁଁ ଏପରି ଏକ ବ୍ୟକ୍ତି ଥିଲି ଯିଏ କୁରୈଶ୍‌ମାନଙ୍କ ସହିତ ଆସି ମିଶି ଯାଇଥିଲା । କିନ୍ତୁ ମୁଁ ସେମାନଙ୍କ ମଧ୍ୟରୁ ନଥିଲି ଏବଂ ଅନ୍ୟ ପ୍ରବାସକାରୀମାନେ ଯେଉଁମାନେ ଆପଣ ସ.ଅଙ୍କ ସହିତ ରହିଥିଲେ ସେମାନଙ୍କର ମକ୍କାରେ ସଂପର୍କୀୟମାନେ ଥିଲେ ଯେଉଁମାନଙ୍କ ମାଧ୍ୟମରେ ସେମାନେ ନିଜର ଘର ବାଡ଼ି ଏବଂ ଧନ ସମ୍ପଦକୁ ସୁରକ୍ଷା ଦେଉଥିଲେ। ତେଣୁ ମୁଁ ଏହା ଚାହିଁଲି କି ମୁଁ ସେହି ମକ୍କାବାସୀଙ୍କ ଉପରେ ଉପକାର କରିଦେବି। କାରଣ ସେମାନଙ୍କ ମଧ୍ୟରେ ମୋର କେହି ବି ସଂପର୍କୀୟ ତଥା ଆତ୍ମୀୟ ସ୍ୱଜନ୍ ବ୍ୟକ୍ତି ନଥିଲା । ଅତଏବ୍ ମୋର ଏହି ଉପକାର ଯୋଗୁଁ ସେମାନେ ମୋ ବିଷୟରେ କିଛି ଭାବିବେ ଏବଂ ମୁଁ ଏହି କାର୍ଯ୍ୟ କୌଣସି ଅବଜ୍ଞା, ବିଧର୍ମୀତା ଯୋଗୁଁ କରି ନାହିଁ ଏବଂ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ପରେ ଅବଜ୍ଞତାକୁ ପସନ୍ଦ ବା ବର୍ଦାସ୍ତ କରାଯଇ ପାରିବ ନାହିଁ । ସେ କହିଲା, ଏହା କିପରି ସମ୍ଭବ ଯେ, ଯଦି ସତ୍‌ହୃଦୟ ହୋଇ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନିଆଯାଏ ତେବେ ବିଶ୍ୱାସ ଆଣିବା ପରେ କିପରି ପୁନଃ ଅବଜ୍ଞତାକୁ ପସନ୍ଦ କରାଯିବ ? ଏହା ଶୁଣି ରସୁଲ୍ କରୀମ୍ ସ.ଅ କହିଲେ, ହେ ଅଲୀ ! ସେ ତୁମକୁ ସତ କହିଛି । ହ. ଉମର୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆପଣସ.ଅ ମୋତେ ଅନୁମତି ପ୍ରଦାନ କରନ୍ତୁ ଯେ, ମୁଁ ଏହି କପଟବିଶ୍ୱାସୀର ସ୍କନ୍ଧଚ୍ୟୁତ କରିଦେବି । ଆପଣ ସ.ଅ କହିଲେ, ସେ ତ' ବଦର୍ ଯୁଦ୍ଧରେ ଉପସ୍ଥିତ ଥିଲା ଏବଂ ତୁମକୁ କ'ଣ ବା ଜଣା ଯେ, ଅଲ୍ଲାଃତାଲା ବଦର୍‌ବାସୀଙ୍କୁ ଦେଖିଲେ ଏବଂ କହିଲେ, ହେ ବଦର୍‌ବାସୀ ! ତୁମେମାନେ ଯାହା ଚାହିଁବ ତାହା କରିବ । ମୁଁ ତୁମମାନଙ୍କ ପାପକୁ ଲୁଚାଇ ଦେଇଛି । **(ସହିହୁଲ୍ ବୁଖାରୀ, କିତାବୁଲ୍ ଜିହାଦ୍, ୱସ୍ ସୈର୍, ବାବ୍- ଅଲ୍ ଜାସୁସ୍, ହଦିସ୍-3007)**

ଅର୍ଥାତ୍ ସେମାନଙ୍କ ଦ୍ୱାରା ମହାପାପ ହେବ ନାହିଁ ଏବଂ ସେମାନଙ୍କର କ୍ରମ ପରିଣିତ ଉତ୍ତମ ହେବ । ଏହି ଲୋକମାନେ ଅବଜ୍ଞା ଅବସ୍ଥାରେ ମୃତ୍ୟୁବରଣ କରିବେ ନାହିଁ । ଏହା ହେଉଛି ଉପରୋକ୍ତ କଥାର ତାତ୍ପର୍ଯ୍ୟ । ସୁତରାଂ ସ୍ୱୟଂ ହ. ହାତିବ୍ ର.ଅଙ୍କ ଶବ୍ଦରୁ ପ୍ରତିଭାତ ଯେ, ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେବା ପରେ ଅବଜ୍ଞତାକୁ କଦାପି ପସନ୍ଦ କରାଯାଇ ପାରିବ ନାହିଁ ।

ପୁନଶ୍ଚ ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ କହିଲେ, ସମ୍ଭବତଃ ଅଲ୍ଲାଃତାଲା ମଦିନାବାସୀଙ୍କ ଉପରେ ଦୟାବତୀର୍ଣ୍ଣ କରିଛନ୍ତି ଏବଂ କହିଲେ, ସେମାନେ ଯାହା ଚାହିଁବେ ତାହା କର୍ମ କରନ୍ତୁ ମୁଁ (ଅଲ୍ଲାଃତାଲା) ସେମାନଙ୍କୁ କ୍ଷମା ପ୍ରଦାନ କିରଦେବି । **(ସୁନନ୍ ଅବି ଦାଉଦ୍, କିତାବୁସ୍ ସନାହ୍, ବାବ-ଫିଲ୍ ଖୁଲଫା, ହଦିସ୍ ନଂ-4654)**

ଅର୍ଥାତ ଅବଜ୍ଞତା ଏବଂ ଅବିଶ୍ୱାସ ଅବସ୍ଥା ବ୍ୟତୀତ ସାଧାରଣ ଦୋଷ ତ୍ରୁଟି ଏବଂ ପାପକୁ ଅଲ୍ଲାଃତାଲା କ୍ଷମା ପ୍ରଦାନ କରିଦେବେ ଏବଂ ଅନ୍ୟ ଅର୍ଥରେ ଏଠାରେ ଏହି ପ୍ରତିଭୂ ମଧ୍ୟ ଅଲ୍ଲାଃତାଲା  ଦେଇ ଦେଲେ ଯେ, ସେହି ବଦର୍‌ବାସୀଙ୍କ ଉପରେ କେବେ ବି ଅବିଶ୍ୱାସ ଏବଂ ଅବଜ୍ଞାମୂଳକ ଅବସ୍ଥା ଆସିବ ନାହିଁ ଓ ସେମାନଙ୍କର ପରିଣାମ ଉତ୍ତମ ହେବ । ଏହା ମଧ୍ୟ ଏକ ଅର୍ଥ ଅଟେ । ଅର୍ଥାତ୍ ସେମାନଙ୍କ ଦ୍ୱାରା ଯିଦିବି କୌଣସି ତ୍ରୁଟି ବିଚ୍ୟୁତି ଘଟିବ ତେବେ ତାହା ମାନବିକ ଆବଶ୍ୟକତା ଅନୁଯାୟୀ ଘଟିବ । କିନ୍ତୁ ଅଲ୍ଲାଃତାଲା ସେମାନଙ୍କୁ କ୍ଷମା କରିଦେବେ ।

ଉମ୍ମୁଲ୍ ମୁମିନିନ୍ ହ. ହଫ୍‌ସା ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ, ମୁଁ ଆଶା ରଖୁଛି ଯେ, ବଦର୍ ଯୁଦ୍ଧରେ ଏବଂ ହୁଦୈବିୟାରେ ସାମିଲ୍ ହୋଇଥିବା ସାହାବାମାନଙ୍କ ମଧ୍ୟରେ କୌଣସି ସାହାବି **ଇନ୍‌ଶାଅଲ୍ଲାଃ** ଅଗ୍ନିରେ ପ୍ରବିଷ୍ଟ ହେବ ନାହିଁ । ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଅଲ୍ଲାଃତାଲା ଏହା କହି ନାହାନ୍ତି ଯେ, وَاِنْ مِّنْكُمْ اِلَّا وَارِدُهَا كَانَ عَلٰى رَبِّكَ حَتْمًا مَّقْضِيًّا **(ମରିୟମ୍:72)** ଏବଂ ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଏଥିରେ ଅର୍ଥାତ୍ ନର୍କରେ ନିକ୍ଷିପ୍ତ ହେବ ଏହା ଅଲ୍ଲାଃତାଲାଙ୍କର ଅଙ୍ଗୀକାର ଯାହା ଅବଶ୍ୟ ପାଳିତ ହେବ । ସେହିପରି ଅଲ୍ଲାଃତାଲା ଅନ୍ୟ ଆୟତ୍‌ରେ କୁହନ୍ତି, ثُمَّ نُنَجِّي الَّذِيْنَ اتَّقَوْا وَّنَذَرُ الظّٰلِمِيْنَ فِيْهَا جِثِيًّا (ମରିୟମ୍:73) ଏବଂ ଆମ୍ଭେ ଧର୍ମପରାୟଣମାନଙ୍କୁ ରକ୍ଷା କରିବୁ ଏବଂ ଅତ୍ୟାଚାରୀମାନଙ୍କୁ ତନ୍ମଧ୍ୟରେ ଆଣ୍ଠୁ ମାଡ଼ି ପଡ଼ି ରହିଥିବା ଅବସ୍ଥାରେ ଛାଡ଼ି ଦେବୁ । **(ସୁନନ୍ ଇବ୍‌ନେ ମାଜା, କିତବାଜ୍ ଜୁହଦ୍, ବାବ-ଜିକ୍ରୁଲ୍ ବାଆସ୍, ହଦିସ୍-4281)**

ହ. ଉମର୍ ର.ଅଙ୍କ କାଳରେ ମଧ୍ୟ ଯେତେବେଳେ ସାହାବାମାନଙ୍କ ଓଜିଫା (ବୃତ୍ତି) ଧାର୍ଯ୍ୟ ହେଲା ସେତେବେଳେ ବଦରୀ ସାହାବାମାନଙ୍କର ଓଜିଫା ଅଧିକ ରୂପେ ଧାର୍ଯ୍ୟ କରାଗଲା । ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିବା ସାହାବାମାନେ ମଧ୍ୟ ବିଶେଷ ଭାବରେ ଗର୍ବିତ ହେଉଥିଲେ । ସୁତରାଂ ମିଓର୍ ସାହେବ ଉଲ୍ଲେଖ କରନ୍ତି ଯେ, ବଦରି ସାହାବାମାନେ ଇସ୍‌ଲାମୀୟ ସୋସାଇଟିର ସର୍ବୋଚ୍ଚ କର୍ମକର୍ତ୍ତା ରୂପେ ବିବେଚିତ ହେଉଥିଲେ । ସାଆଦ୍ ବିନ୍ ଅବି ୱକ୍କାସ ର.ଅ ଯେତେବେଳେ 80 ବର୍ଷ ବୟସରେ ମୃତ୍ୟୁବରଣ କରିବାକୁ ଲାଗିଲେ ସେତେବେଳେ ସେ କହିଲେ, ମୋତେ ଚଦର ଆଣି ଦିଅ ଯାହାକୁ ମୁଁ ବଦର୍ ଯୁଦ୍ଧ ଦିନ୍ ପିନ୍ଧିଥିଲି । ସେହି ଚଦରକୁ ମୁଁ ଆଜିର ଦିନ ପାଇଁ ସାଇତି ରଖିଥିଲି । ଏ ହେଉଛନ୍ତି ସେହି ସାଆଦ୍ ଯିଏ ବଦର୍ କାଳରେ ସଂପୂର୍ଣ୍ଣ ରୂପେ ଯୁବକ ଥିଲେ ଏବଂ ଯାହାଙ୍କ ହସ୍ତରେ ପରବର୍ତ୍ତୀ ସମୟରେ ଇରାନ୍ ବିଜୟ ହେଲା । ସେ କୁଫାର ସଂସ୍ଥାପକ ଏବଂ ଇରାକ୍‌ର ଗଭର୍ଣ୍ଣର ହେଲେ। କିନ୍ତୁ ତାଙ୍କ ଦୃଷ୍ଟିରେ ଏହି ସମସ୍ତ ସମ୍ମାନ ଏବଂ ଗୌରବ ବଦର୍ ଯୁଦ୍ଧରେ ସାମିଲ୍ ହେବାର ସମ୍ମାନ ଏବଂ ଗୌରବ ଠାରୁ ସଂପୂର୍ଣ୍ଣ ରୂପେ ତୁଚ୍ଛ ଥିଲା । ବଦର୍ ଯୁଦ୍ଧ ଦିନର ବସ୍ତ୍ରକୁ ସେ ନିଜ ପାଇଁ ସମସ୍ତ ବସ୍ତ୍ର ଠାରୁ ଅଧିକ ସମ୍ମାନସ୍ପଦ ବସ୍ତୁ ବୋଲି ମନେକରୁଥିଲେ । ହ. ସାଆଦ୍ ର.ଅଙ୍କ ଶେଷ ଇଚ୍ଛା ଏହା ଥିଲା କି ତାଙ୍କୁ ସେହି ବସ୍ତ୍ରରେ ଗୁଡ଼ାଇ କବର ମଧ୍ୟରେ ଓହ୍ଲାଇ ଦିଆଯାଉ । ଅର୍ଥାତ୍ କବର ଦିଆଯାଉ। **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ- ହ. ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-373)**

ବଦ୍‌ରୀ ସାହାବାମାନଙ୍କର ମର୍ଯ୍ୟାଦା ଏବଂ ଶ୍ରେଷ୍ଠତାର ଆକଳନ ତହିଁରୁ ମଧ୍ୟ ହୋଇପାରିବ ଯେ, ଆଁହଜରତ ସ.ଅ ଉକ୍ତ ସଂପ୍ରଦାୟର ଆଗମନକାରୀ ମେହ୍‌ଦୀର ଏକ ଲକ୍ଷଣ ଏହା ମଧ୍ୟ ଦର୍ଶାଇଛନ୍ତି ଯେ, ମେହ୍‌ଦୀ ନିକଟରେ ମଧ୍ୟ ପୁସ୍ତକ ହେବ ଯହିଁରେ ବଦର୍ ଯୁଦ୍ଧର ସାହାବାମାନଙ୍କ ସଂଖ୍ୟାନୁଯାୟୀ 313 ଜଣ ସାହାବାମାନଙ୍କର ନାମୋଲ୍ଲେଖ ହେବ । ସୁତରାଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ସହି ହଦିସ୍‌ରେ ମଧ୍ୟ ଆସି ସାରିଛି ଯେ, ଅଙ୍ଗୀକୃତ ମେହ୍‌ଦୀଙ୍କ ନିକଟରେ ଗୁପ୍ତ ପୁସ୍ତକ ହେବ ଯହିଁରେ 313 ଜଣ ସାହାବାମାନଙ୍କର ନାମ ଉଲ୍ଲେଖ ଥିବା । ଅତଃ ଏହି ବିବରଣୀ ବର୍ଣ୍ଣା କରିବା ଆବଶ୍ୟକ ଯେ, ସେହି ଭବିଷ୍ୟବାଣୀ ଆଜି ପୂର୍ଣ୍ଣ ହୋଇଯାଇଛି । ଏହା ତ' ପ୍ରକାଶ୍ୟ ଯେ, ପୂର୍ବେ ଉକ୍ତ ମୃତ ସଂପ୍ରଦାୟରେ ଏପରି କୌଣସି ବ୍ୟକ୍ତି ଜନ୍ମ ଗ୍ରହଣ କରି ନାହିଁ ଯିଏ ମେହ୍‌ଦୀ ହେବାର ଦାବି କରିଥିବ ଏବଂ ତା' କାଳରେ ଛାପାକଳ ହୋଇଥିବ । ତା' ନିକଟରେ ଏକ ପୁସ୍ତକ ମଧ୍ୟ ଥିବ ଯହିଁରେ 313 ଜଣ ସାହାବାମାନଙ୍କର ନାମ ଉଲ୍ଲେଖ ହୋଇଥିବ । ପ୍ରକାଶ୍ୟ ଯେ, ଯଦି ଉକ୍ତ କାର୍ଯ୍ୟ ମନୁଷ୍ୟ ସାମର୍ଥ୍ୟରେ ଯଦି ହୋଇ ଥାଆନ୍ତା ତାହାହେଲେ ଏହା ପୂର୍ବରୁ ଅନେକ ମିଥ୍ୟାବାଦୀ ବ୍ୟକ୍ତିମାନେ ନିଜେ ଏହାକୁ ଚରିତାର୍ଥ କରିପାରି ଥାଆନ୍ତେ । କିନ୍ତୁ ପ୍ରକୃତ କଥା ଏହା ଯେ, ଈଶ୍ୱରଙ୍କ ଭବିଷ୍ୟବାଣୀରେ ଏପରି ପ୍ରକୃତି ବିରୁଦ୍ଧ ସର୍ତ୍ତ ମଧ୍ୟ ହୋଇଥାଏ ଯେ, କୌଣସି ମିଥ୍ୟାବାଦୀ ବ୍ୟକ୍ତି ତହିଁରୁ ଉପକୃତ ହୋଇପାରେ ନାହିଁ ଏବଂ ତା'କୁ ସେହି ସାଧାନ ଏବଂ ସାମଗ୍ରୀ ପ୍ରଦାନ କରାଯାଇ ନଥାଏ ଯାହାକି ସତ୍ୟବାଦୀ ବ୍ୟକ୍ତିକୁ ପ୍ରଦାନ କରାଯାଇଥାଏ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, "ଶେଖ୍ ଅଲୀ ହମ୍‌ଜା ବିନ୍ ଅଲୀ ମଲକ୍ ଅତ୍ତୁସି ନିଜର ପୁସ୍ତକ ଜୱାହିରୁଲ୍ ଅସ୍ରାର୍‌ରେ ଯାହାକି 840 ହି.ରେ ସଂକଳନ ହୋଇଥିଲା, ମେହ୍‌ଦୀର ଦାବି ସଂପର୍କରେ ନିମ୍ନଲିଖିତ ପଂକ୍ତି ଉଲ୍ଲେଖ କରିଛନ୍ତି ଯାହାର ଅନୁବାଦ ଏହିପରି ଯେ, ମେହ୍‌ଦୀ ସେହି ଗ୍ରାମରୁ ଆବିର୍ଭୂତ ହେବ ଯାହାର ନାମ କଦ୍‌ଆ ଅଟେ । (ଉକ୍ତ ନାମଟି ପ୍ରକୃତରେ କାଦିଆନ୍ ନମାରେ ରୂପାନ୍ତରିତ ହୋଇଛି) ପୁନଶ୍ଚ କହିଲେ, ଈଶ୍ୱର ସେହି ମେହ୍‌ଦୀର ପୁଷ୍ଟି କରିବେ ଏବଂ ଦୂର ଦୂରାନ୍ତରୁ ତା'ର ବନ୍ଧୁମାନେ ଏକତ୍ରିତ କରିବ ଯେଉଁମାନଙ୍କର ତୁଳନା ଏବଂ ଗଣ୍ୟ ବଦର ଯୁଦ୍ଧରେ ସାମିଲ୍ ହୋଇଥିବା ସାହାବାମାନଙ୍କ ସହିତ ଗଣ୍ୟ ଓ ତୁଲ୍ୟ ହେବେ। ଅର୍ଥାତ୍ 313 ଜଣ ସାହାବାମାନେ ହେବେ ଏବଂ ତାଙ୍କର ନାମ ଠିକଣା ଏବଂ ଆଚରଣ ଅନୁଯାୟୀ ପ୍ରକାଶିତ ପୁସ୍ତକରେ ଉଲ୍ଲିଖିତ ହେବ । ବର୍ତ୍ତମାନ ଏହା ପ୍ରକାଶ୍ୟ ଯେ, କୌଣସି ବ୍ୟକ୍ତିକୁ ଏହା ଦ୍ୱାରା ଏହି ସଂଯୋଗ ହୋଇ ନଥିବ ଯେ, ସେ ମେହ୍‌ଦୀ ହେବାର ଦାବି କରୁ ଏବଂ ତା' ନିକଟରେ ପ୍ରକାଶିତ ପୁସ୍ତକ ହୋଇଥିବ ଯହିଁରେ ତା'ର ବନ୍ଧୁମାନଙ୍କର ନାମ ଉଲ୍ଲିଖିତ ହୋଇଥିବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, କିନ୍ତୁ ମୁଁ ଏହା ପୂର୍ବରୁ ମଧ୍ୟ ଆଇନା କମାଲାତେ ଇସ୍‌ଲାମ୍‌ରେ 313 ଜଣ ନାମ ଉଲ୍ଲିଖିତ ଥିବାର ଚର୍ଚ୍ଚା କରି ସାରିଛି ଏବଂ ବର୍ତ୍ତମାନ ପୁନଃ ପ୍ରମାଣକୁ ଚରିତାର୍ଥ କରିବା ନିମନ୍ତେ 313 ଜଣ ସାହାବାମାନଙ୍କର ନାମ ନିମ୍ନରେ ଉଲ୍ଲେଖ କରି ଦେଉଛି ।" ହ. ମସିହ୍ ମଉଦ୍ ଅ.ସ ଜମିମା (ପରିଶିଷ୍ଟ) ପତ୍ରିକା ଅଞ୍ଜାମେ ଆଥମ୍‌ରେ ଏକଥା ବର୍ଣ୍ଣନା କରୁଛନ୍ତି । କାରଣ ପ୍ରତ୍ୟେକ ନ୍ୟାୟପ୍ରିୟ ବ୍ୟକ୍ତି ବୁଝିନେଉ ଯେ, ଉକ୍ତ ଭବିଷ୍ୟତବାଣୀ ମଧ୍ୟ ମୋରି ସପକ୍ଷରେ

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah, Jamat Ahmadiya Kerang (Odisha)

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" । (ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya Kerang, Darul Fazal (Odisha)

ପୂର୍ଣ୍ଣ ହେଲା ଏବଂ ହଦିସ୍‌ର ଇଚ୍ଛାନୁଯାୟୀ ଏହା କହିଦେବା ଯେ, ପୂର୍ବରୁ ଆବଶ୍ୟକ ଅଟେ ଯେ, ଏହି ସମସ୍ତ ସାହାବାମାନେ ସଚ୍ଚରିତ୍ରବାନ୍ ଏବଂ ନିର୍ମଳ ସ୍ୱଭାବର ଅଧିକାରୀ ଥିଲେ । ମର୍ଯ୍ୟାଦା ଅନୁଯାୟୀ ଅଲ୍ଲାଃତାଲା ଯେଉଁମାନଙ୍କୁ ଉତ୍ତମ ବୋଲି ମନେକରନ୍ତି କେତେକଙ୍କୁ କେତେକଙ୍କ ସହିତ ପ୍ରେମ ଏବଂ ଅଲ୍ଲାଃତାଲାଙ୍କ ଆଡ଼କୁ ମନ ବଳାଇ ଓ ଧାର୍ମିକ ତନ୍ମୟତା, ସଂଲଗ୍ନତା ଏବଂ ତତ୍ପରତାରେ ପ୍ରତିସ୍ୱର୍ଦ୍ଧିତ ହୋଇ ଆଗେଇ ଯାଇଛନ୍ତି........ ବର୍ତ୍ତମାନ ଦେଖ ଏହି 313ଜଣ ନୈଷ୍ଠିକ ସାହାବାମାନେ ଯେଉଁମାନଙ୍କର ନାମ ଉକ୍ତ ପୁସ୍ତକରେ ଉଲ୍ଲିଖିତ ହୋଇଛି ସେମାନେ ସେହି ଭବିଷ୍ୟବାଣୀର ଚରିତାର୍ଥ ଅଟନ୍ତି ଯାହା ଆଁହଜରତ ସ.ଅଙ୍କ ଭବିଷ୍ୟତବାଣୀରେ ଦେଖିବାକୁ ମିଳିଥାଏ । ଭବିଷ୍ୟବାଣୀରେ **କଦ୍‌ଆ** ଶବ୍ଦ ମଧ୍ୟ ରହିଛି ଯାହାକି ସ୍ପଷ୍ଟ ଭାବରେ କାଦିଆନ୍‌ର ନାମକୁ ସୂଚାଏ । ସୁତରାଂ ସେହି ହଦିସ୍‌ର ସମସ୍ତ ବିଷୟବସ୍ତୁ ଏହିକି ଯେ, ସେହି ଅଙ୍ଗୀକୃତ ମେହଦୀ କାଦିଆନ୍‌ରେ ଜନ୍ମ ଗ୍ରହଣ କରିବେ ଏବଂ ତା'ଙ୍କ ନିକଟରେ ପୁସ୍ତକ ମୁଦ୍ରିତ ହୋଇଥିବ ଯହିଁରେ 313 ଜଣ ତା'ଙ୍କ ବନ୍ଧୁମାନଙ୍କର ନାମ ଉଲ୍ଲିଖିତ ଥିବ । ତେଣୁ ପ୍ରତ୍ୟେକ ବ୍ୟକ୍ତି ଏକଥା ବୁଝି ପାରିବ ଯେ, ଉକ୍ତ କଥା ମୋ ଅଧୀନ ଏବଂ ମୋ ଆୟତ୍ତରେ ତ' ନଥିଲା ଯେ, ମୁଁ ସେହି ପୁସ୍ତକଗୁଡ଼ିକରେ ଯାହାକି ସେହି କାଳରେ ଅର୍ଥାତ୍ ହଜାର ବର୍ଷ ପୂର୍ବେ ସଂସାରରେ ପ୍ରକାଶିତ ହୋଇ ସାରିଥିଲା (ଲୋକ ଲୋଚନକୁ ଆସିଥିଲା) ତହିଁରେ ନିଜର ଗ୍ରାମର ନାମ କାଦିଆନ୍ ବୋଲି ଉଲ୍ଲେଖ କରିଦେଲା ଓ ନା ହିଁ ମୁଁ ଛାପାକଳ ଉଦ୍ଭାବନ କିରଥିଲି, ନା କଳ କବ୍‌ଜା ବାହାର କରିଥିଲି ଯେ, ଏହା ମନେକରାଯାଉ ଯେ, ମୁଁ ଏହି ଉଦ୍ଦେଶ୍ୟ ରଖି ସେହି କାଳରେ ଛାପାକଳ ଉଦ୍ଭାବନ କରିଅଛି । ପ୍ରିଣ୍ଟିଂ ପ୍ରେସ୍ ମୁଁ ଉଦ୍ଭାବନ କରି ନଥିଲି ଓ ନା ହିଁ ମୁଁ 313 ଜଣ ସାହାବାମାନଙ୍କୁ ସୃଷ୍ଟି କରିବା ମୋ ସାମର୍ଥ୍ୟରେ ଥିଲା । ବରଂ ଏହି ସମସ୍ତ ସାଧାନ ସ୍ୱୟଂ ଅଲ୍ଲାଃତାଲା ସୃଷ୍ଟି କରିଛନ୍ତି । କାରଣ ସେ ହିଁ ନିଜର ବାର୍ତ୍ତାବହ ରସୁଲ୍ କରୀମ୍ ସ.ଅଙ୍କ ଭବିଷ୍ୟବାଣୀକୁ ସଂପୂର୍ଣ୍ଣ କରିବେ।"**(ଜମିମା ଅଞ୍ଜାମେ ଆଥମ୍ ପତ୍ରିକା, ରୁହାନୀ ଖଜାଏନ୍, ଭାଗ-11, ପୃ-324-325 ଓ 329)**

ବଦର୍ ଯୁଦ୍ଧ ସଂକ୍ରାନ୍ତରେ ଆଁହଜରତ ସ.ଅ ଓ ହ. ମୁସା ଅ.ସଙ୍କ ମଧ୍ୟରେ ଥିବା ସାମଞ୍ଜସ୍ୟତାକୁ ବର୍ଣ୍ଣନା କରି ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ବନି ଇସ୍ରାଇଲ୍ ପରି ଅଲ୍ଲାଃତାଲାଙ୍କ ସତ୍ୟବାଦୀ ଭକ୍ତମାନେ ପବିତ୍ର ଭୂମି ମକ୍କା ଠାରେ ଦୀର୍ଘ 13 ବର୍ଷ ପର୍ଯ୍ୟନ୍ତ ଅବିଶ୍ୱାକାରୀଙ୍କ ହସ୍ତରୁ ଅତ୍ୟନ୍ତ କଷଣ ଅର୍ଥାତ ଦୁଃଖ କଷ୍ଟ ପାଇଲେ ଏବଂ ଉକ୍ତ କଷ୍ଟଟି ଫିରଔନ୍‌ର ସେହି କଷ୍ଟ ତଥା ଯନ୍ତ୍ରଣା ଠାରୁ ଢେ ଅଧିକ ଥିଲା ଅର୍ଥାତ୍ ଫିରଔନ୍ ଯେଉଁ ଯେନ୍ତ୍ରଣା ବନି ଇସ୍ରାଇଲକୁ ଦେଇଥିଲା ତା' ଠାରୁ ଅଧିକ ଯନ୍ତ୍ରଣାଦାୟକ ଏଉକ୍ତ କଷ୍ଟ ଥିଲା । ପରିଶେଷରେ ସେହି ଭକ୍ତମାନେ (ମୁସଲମାନମାନେ) ଈଶ୍ୱରଙ୍କର ପ୍ରିୟ ମନୋନୀତ ସତ୍ୟବାଦୀ ବାର୍ତ୍ତାବହ ହ. ମୁହକ୍ମଦ୍ ସ.ଅଙ୍କ ସହିତ ଓ ତାଙ୍କରି ଇଙ୍ଗିତ କ୍ରମେ ମକ୍କାରୁ ପଳାୟନ କଲେ । ସେମାନେ ଅର୍ଥାତ୍ ମୁସଲମାନମାନେ ସେହିପରି ପଳାୟନ କଲେ ଯେପରି ବନି ଇସ୍ରାଇଲ୍ ଜାତି ମିସରରୁ ପଳାୟନ କରିଥିଲା । ପୁନଶ୍ଚ ଯେପରି ଫରିଔନ୍ ବନି ଇସ୍ରାଇଲ୍‌କୁ ହତ୍ୟା କରିବା ନିମନ୍ତେ ପିଛା କରିଥିଲା ଠିକ୍ ସେହିପରି ମକ୍କାବାସୀ (ଅବିଶ୍ୱାସକାରୀମାନେ) ମୁସଲମାନମାନଙ୍କୁ ହତ୍ୟା କରିବା ନିମନ୍ତେ ଆଁହଜରତ ସ.ଅଙ୍କ ପିଛା କଲେ । ପରିଶେଷରେ ଯେପରି ଫିରଔନ୍ ଓ ତା'ର ସୈନ୍ୟବାହିନୀ ନୀଳ ସାଗରରେ ମୃତ୍ୟୁ ବରଣ କରିଥିଲେ ଠିକ୍ ସେହିପରି ମକ୍କାର ଅବିଶ୍ୱାସକାରୀମାନେ ବଦର୍ ଯୁଦ୍ଧ ଭୂମିରେ ମୁସଲମାନମାନଙ୍କର ପିଛା କରି ନିଜର ଦୁଷ୍କୃତ୍ୟର ପରିଣାମ ଭୋଗିଥିଲେ । ସେହି ରହସ୍ୟକୁ ଉନ୍ମୋଚିତ କରିବା ନିମନ୍ତେ ଆଁହଜରତ ସ.ଅ ଅବୁ ଜହଲ୍‌ର ଶବକୁ ବଦରର ମୃତକମାନଙ୍କ ମଧ୍ୟରେ ଦେଖି କହିଥିଲେ, ଏହି ବ୍ୟକ୍ତି ଉକ୍ତ ଜାତିର ଫିରଔନ୍ ଥିଲା । ଯେପରି ଫୈରଔନ୍ ଓ ତା'ର ସୈନ୍ୟବାହିନୀ ନୀଳ ସାଗରରେ ନିହତ ହେବାର ଚରିତ୍ତନ ଅନୁଭୂତିମୂଳକ ସାକ୍ଷ୍ୟ ମଧ୍ୟରୁ ଅନ୍ୟତମ ସାକ୍ଷ୍ୟ ଥିଲା, ଏହି ଘଟଣା ଘଟିବା ସଂପର୍କରେ କୌଣସି ବ୍ୟକ୍ତି କିଛି କହିପାରିବ ନାହିଁ । ଠିକ୍ ସେହିପରି ଅବୁ ଜହଲ୍ ଓ ତା'ର ସୈନ୍ୟବାହିନୀ ପିଛା କରିବା ସମୟରେ ବଦର୍ ଯୁଦ୍ଧରେ ପ୍ରାଣ ହରାଇବା ମଧ୍ୟ ଅନୁଭୂତିମୂଳକ ସାକ୍ଷ୍ୟ ମଧ୍ୟରୁ ଅନ୍ୟତମ ସାକ୍ଷ୍ୟ ଥିଲା । ଏହାକୁ ପ୍ରତ୍ୟାଖ୍ୟାନା କରିବା ଦୁଃସାହସ ଏବଂ ପାଗଳାମୀ ମଧ୍ୟରେ ପ୍ରବିଷ୍ଟ ବା ପାଗଳାମୀ ବୋଲି କୁହାଯିବ........ ସେହି ଇସ୍ରାଇଲୀୟ ଅର୍ଥାତ୍ ପ୍ରଭୁଙ୍କ ଭକ୍ତଗଣ ଯେଉଁମାନଙ୍କୁ ଆମ ପ୍ରିୟ ମୁନିବ ମକ୍କାବାସୀଙ୍କ ଅତ୍ୟାଚାରରରୁ ଉଦ୍ଧାର କରିଥିଲେ, ସେମାନେ ବଦର୍ ଘଟଣା ପରେ ଏପରି ଗୀତ ଗାଇଲେ ଯେପରି ବନି ଇସ୍ରାଇଲ୍ ମିସର୍ ସମୁଦ୍ରର ଉପର ମୁଣ୍ଡରେ ଗୀତ ଗାଇଥିଲେ ଏବଂ ସେହି ଆରବ୍ୟ ଗୀତ ଯାହାକି ବଦର୍ ଭୂମିରେ ଗାଇଥିଲେ ତାହା ଏଯାବତ୍ ପୁସ୍ତକମାନଙ୍କର ସୁରକ୍ଷିତ ଭାବରେ ଲିପିବଦ୍ଧ ହୋଇ ଆସୁଛି ।"

**(ଅୟ୍ୟାମୁସ୍ ସୁଲହ୍, ରୁହାନୀ ଖଜାଏନ୍, ଭାଗ-14, ପୃ-290-291)**

ପୁନଶ୍ଚ ଏକ ସ୍ଥଳେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ସେହି ସାମଞ୍ଜସ୍ୟତା ଯାହାର ତୌରାତ୍ ଗ୍ରନ୍ଥର ଇସ୍ତିସ୍‌ନା ପୁସ୍ତକରେ ଉଲ୍ଲେଖ ରହିଛି ତାହା ସେହି ଐଶୀ ସମର୍ଥିତ ନବୀ ଅଟନ୍ତି ଯିଏ ନିଜ ଜମାଅତ୍ ସମେତ ଦୀର୍ଘ 13 ବର୍ଷ ଧରି ଦାରୁଣ ଦୁଃଖ କଷ୍ଟ ସହ୍ୟ କରି ଏବଂ ପ୍ରତ୍ୟେକ ପ୍ରକାରର କଷଣକୁ ଦେଖି ପରିଶେଷରେ ନିଜର ଜମାଅତ୍‌କୁ ଧରି ପ୍ରବାସ କଲେ ଏବଂ ସେହି ଜମାଅତର ପିଛା କରାଗଲା। ପରିଶେଷରେ ବଦର୍ ଯୁଦ୍ଧରେ କିଛି ଘଣ୍ଟା ମଧ୍ୟରେ ନିର୍ଣ୍ଣୟ ହୋଇ ଅବୁ ଜହଲ୍ ଓ ତା'ର ସୈନ୍ୟବହିନୀ ଖଡ଼୍‌ଗର ଦାଢ ଦ୍ୱାରା ଏପରି ନିହତ ହେଲେ ଯେପରି ନୀଳ ସାଗରର ଧାର ଫୈରଔନ ଓ ତା'ର ସମସ୍ତ ସୈନ୍ୟ ବାହିନୀର ଅନ୍ତ ଘଟାଇ ଦେଇଥିଲା । ଦେଖ ! କିପରି ସ୍ୱଚ୍ଛତା ଏବଂ କିପରି ଅନୁଭୂତିମୂଳକ ସାକ୍ଷ୍ୟ ସ୍ୱରୂପ ଏହି ଦୁଇଟି ଘଟଣା ଅର୍ଥାତ୍ ମିସର ଓ ମକ୍କା ଏବଂ ନୀଳ ସମୁଦ୍ର ଓ ବଦର୍ ଯୁଦ୍ଧ ପରିସ୍ପର ସହିତ ସାମଞ୍ଜସ୍ୟତା ରଖନ୍ତି ।"

**(ଅୟ୍ୟାମୁସ୍ ସୁଲହ୍, ରୁହାନୀ ଖଜାଏନ୍, ଭାଗ-14, ପୃ-292)**

ଅଲ୍ଲାଃତାଲା ବଦର୍ ଯୁଦ୍ଧ ସଂପର୍କରେ ପବିତ୍ର କୁରଆନ୍‌ର ସୁରାଃ ଆଲେ ଇମ୍ରାନ୍‌ର ଆୟତ୍ ନଂ124ରେ କୁହନ୍ତି : وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ ଅନୁବାଦ- ଏବଂ ଏଥି ପୂର୍ବରୁ ବଦର୍ ଯୁଦ୍ଧ କ୍ଷେତ୍ରରେ ଯେତେବେଳେ କି ତୁମେମାନେ ନଗଣ୍ୟ ଥିଲ ସେତେବେଳେ ଅଲ୍ଲାଃତାଲା ବାସ୍ତବରେ ତୁମମାନଙ୍କୁ ସାହାଯ୍ୟ କରିଥିଲେ । ହ. ମସିହ୍ ମଉଦ୍ ଅ.ସ ନିଜର ଲେଖନୀ 'ଖୁତ୍‌ବା ଇଲହାମିୟାହ୍'ରେ ବଦର୍ ଯୁଦ୍ଧ ଚତୁର୍ଦ୍ଦଶ ଶତାବ୍ଦୀର ଏକ କୌମ୍ୟ ତଥା ନୂତନ ଏବଂ ମୃଦୁଳ ସାମଞ୍ଜସ୍ୟତାର ଚର୍ଚ୍ଚା କରି କୁହନ୍ତି, ଯାହାର ଉର୍ଦ୍ଦୁ ଅନୁବାଦ ଏହିପରି ଯେ, "ଏବଂ ସେହି 400ର ସଂଖ୍ୟା ଖାତମୁନ୍ ନବୀୟିନ ସ.ଅଙ୍କ ପ୍ରବାସ لَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ ର ପରବର୍ତ୍ତୀ ଅଟେ । କାରଣ ଅଲ୍ଲାଃତାଲା ଧର୍ମ ବିଜୟର ଅଙ୍ଗୀକାର ଯାହାକି ଜ୍ୱଳନ୍ତ ଗ୍ରନ୍ଥରେ (ଅର୍ଥାତ୍ ପବିତ୍ର କୁରଆନ୍ କୀରମ୍‌ରେ) ପୂର୍ବେ ନିର୍ଦ୍ଧାରିତ ହୋଇ ସାରିଥିଲା ତାହା ପୂର୍ଣ୍ଣ ହୋଇଯାଉ ଏବଂ ପ୍ରଭୁଙ୍କର ଏହି ବାଣୀ ଅର୍ଥାତ୍ ଆଲେ ଇମ୍ରାନ୍‌ର 124 ନଂ ଆୟତ୍ । ଅତଏବ୍ ଚକ୍ଷୁଷ୍ମାନ୍ ବ୍ୟକ୍ତିଙ୍କ ପରି ଉକ୍ତ ଆୟତ୍‌ରେ ଦୃଷ୍ଟିପାତ କର । କାରଣ ଉକ୍ତ ଆୟତ୍ ନିଃସନ୍ଦେହ ରୂପେ ଦୁଇଟି ବଦର୍ ଉପରେ ନିର୍ଭର କରିଥାଏ । **ପ୍ରଥମ-** ସେହି ବଦର୍ ଯାହାକି ପୂର୍ବବର୍ତ୍ତୀ ପୁରୁଷମାନଙ୍କ ସାହାଯ୍ୟ ନିମନ୍ତେ ଅତିକ୍ରାନ୍ତ ହେଲା ଏବଂ **ଦ୍ୱତୀୟ-** ସେହି ବଦର୍ ଯାହାକି ପରବର୍ତ୍ତୀ ଲୋକମାନଙ୍କ ନିମନ୍ତେ ଏକ ନିଦର୍ଶନ ଅଟେ । ସୁତରାଂ ତହିଁରେ କୌଣସି ସନ୍ଦେହର ଅବକାଶ ନାହିଁ ଯେ, ଉପରୋକ୍ତ ଆୟତ୍‌ଟି ଏକ ନିଗୂଢ ତଥା ମର୍ମସ୍ପର୍ଶୀ ଭାବରେ ଭବିଷ୍ୟତକାଳ ଆଡ଼କୁ ଇଙ୍ଗିତ କରୁଛି । ଯାହା ଉତ୍ସାହିତ ଦୃଷ୍ଟିରୁ ବଦର୍ (ଚନ୍ଦ୍ର) ପରି ହୋଇଥିବ ଏବଂ ତାହା ଏକ ଶତ ବର୍ଷ, ଏକ ସହସ୍ର ବର୍ଷ ପରେ ହେବ । ଏହି ଇସ୍ତିଆରା (ରୂପକ ଅର୍ଥାତ୍ ମୂର୍ତ୍ତ ବସ୍ତୁର ମାନବୀୟ ରୂପ) ସ୍ୱରୂପ ଅଲ୍ଲାଃତାଲାଙ୍କ ନିକଟରେ ରାତ୍ରର ପୂର୍ଣ୍ଣ ଚନ୍ଦ୍ର ଅଟେ । ଏସବୁ ସତ୍ତ୍ୱେ ଆମ୍ଭେ ଏହା ସ୍ୱୀକାର ମଧ୍ୟ କରୁଛୁ ଯେ, ଉକ୍ତ ଆୟତ୍‌ର ଅନ୍ୟ ଅର୍ଥ ମଧ୍ୟ ରହିଛି ଯାହାକି ବିଗତ କାଳ ସଂପର୍କିତ ଅଟେ । ଯେପରିକି ବିଦ୍ୱାନ୍ ମନିଷୀମାନଙ୍କୁ ଜ୍ଞାତ ଯେ, ଉକ୍ତ ଆୟତ୍‌ର 2ଟି ପକ୍ଷ ରହିଛି ଏବଂ 2ଟି ସାହାଯ୍ୟ ଏବଂ ଦୁଇଟି ଚନ୍ଦ୍ର ଅଟେ । ଗୋଟିଏ ଚନ୍ଦ୍ର ବିଗତ କାଳ ସଂପର୍କିତ ଅର୍ଥାତ୍ ଅତୀତ କାଳ ସଂପର୍କିତ ଏବଂ ଅନ୍ୟଟି ଭବିଷ୍ୟକାଳ ସଂପର୍କିତ ଅଟେ । ସୁତରାଂ ମୁସଲମାନ ଯେତେବେଳେ ତିରସ୍କୃତ ହେବେ ଯେପରିକି ସାଂପ୍ରତିକ କାଳରେ ଅବଲୋକନ କରୁଛୁ ଏବଂ ଇସଲାମ୍ ହିଲାଲ୍ (ନବଚନ୍ଦ୍ର) ପରି ଆରମ୍ଭ ହେଲା ଏବଂ ନିୟତିକୃତ ଥିଲା କି ପରିଣାମ ଶେଷ ଯୁଗ ଅଲ୍ଲାଃତାଲାଙ୍କ ଆଦେଶାନୁଯାୟୀ ପୂର୍ଣ୍ଣ ଚନ୍ଦ୍ର ହୋଇଯାଉ । ସୁତରାଂ ଅଲ୍ଲାଃତାଲାଙ୍କ ନିୟତି ଏହା ଚାହିଁଲା ଯେ, ଇସଲାମ୍ ସାଂପ୍ରତିକ କାଳରେ ପୂର୍ଣ୍ଣ ଚନ୍ଦ୍ର ପରି ପୂର୍ଣ୍ଣ ରୂପ ଅବଲମ୍ବନ କରୁ ଯାହାକି ଆବେଗିକ, ଉତ୍ସାହିତ ଦୃଷ୍ଟିରୁ ପୂର୍ଣ୍ଣ ଚନ୍ଦ୍ର ସଦୃଶ ଅଟେ । ଅତଏବ୍ ଏହି ଅର୍ଥ ଆଡ଼କୁ ଇଙ୍ଗିତ ରହିଛି ଅଲ୍ଲାଃତାଲାଙ୍କ ଶବ୍ଦ لَقَدْ نَصَرَكُمْ ସଂକ୍ରାନ୍ତରେ ସୂକ୍ଷ୍ମ ଚିନ୍ତନ କର ଏବଂ ଅବଚେତନକାରୀଙ୍କ ମଧ୍ୟରୁ ଅନ୍ୟତମ ହୋଇଯାଅ ନାହିଁ । ନିଃସନ୍ଦେହ ରୂପେ لَقَدْ

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

بِبَدۡرٍ وَّلَقَدۡ نَصَرَکُمُ اللّٰہُ ଆୟତ୍‌ରେ ଅର୍ଥ ଆସିଛି । ଯେପରିକି ମନିଷୀମାନଙ୍କ ନିକଟରେ ପ୍ରକାଶ୍ୟ ଅଟେ । ଅତଃ ଅଲ୍ଲାଃତାଲା ଇସଲାମ୍ ଧର୍ମ ସକାଶେ ଦୁଇଟି ତିରସ୍କାର ନିୟତିକୃତ ରଖିଥିଲେ । ଯେପରିକି ଆମେ ବନି ଇସ୍ରାଇଲର ସୁରାଃରେ ସେହି ପାପୀ ଏବଂ ଅତ୍ୟାଚାରୀମାନଙ୍କର କାହାଣୀ ପାଠ କରିଥାଉ । ସୁତରାଂ ଯେତେବେଳେ ମୁସଲମାନମାନଙ୍କୁ ପ୍ରଥମ ତିରସ୍କାର ମକ୍କାର ପ୍ରାପ୍ତ ହେଲା ସେତେବେଳେ ପ୍ରଭୁ ସେମାନଙ୍କ ସହିତ ନିଜର ଏହି ଅଙ୍ଗୀକାର କଲେ ଯେ, عَلٰی نَصۡرِهِمۡ **(ଅଲ୍ ହଜ୍: 40)** (ଅନୁବାଦ- ସେମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ)ର କଥନରେ ଇଙ୍ଗିତ କଲେ ଏବଂ କହିଲେ ବିଶ୍ୱାସାକାରୀମାନଙ୍କ ହସ୍ତରୁ ଅବିଶ୍ୱାସକାରୀମାନଙ୍କ ଉପରେ ଶାସ୍ତି ଅବତୀର୍ଣ୍ଣ ହେବ । اُذِنَ لِلَّذِیۡنَ یُقٰتَلُوۡنَ بِاَنَّهُمۡ ظُلِمُوۡا ؕ وَ اِنَّ اللّٰہَ عَلٰی نَصۡرِهِمۡ لَقَدِیۡرُ **(ଅଲ ହଜ୍: 40)** ଅନୁବାଦ- ଅର୍ଥାତ୍ ଯେଉଁମାନଙ୍କ ସହିତ ବିନା (ଅ) କାରଣରେ ଯୁଦ୍ଧ କରାଯାଏ ସେମାନଙ୍କୁ ମଧ୍ୟ ଯୁଦ୍ଧ କରିବା ପାଇଁ ଅନୁମତି ଦିଆଯାଉଅଛି । କାରଣ ସେମାନଙ୍କ ପ୍ରତି ଅତ୍ୟାଚାର କରାଯାଇଛି ଏବଂ ବାସ୍ତବିକ ଅଲ୍ଲାଃତାଲା ସେମାନଙ୍କୁ ସାହାଯ୍ୟ କରିବାକୁ ସମର୍ଥ ଓ ସକ୍ଷମ ଅଟନ୍ତି ।" ସୁତରାଂ ଅଲ୍ଲାଃତାଲାଙ୍କ ଉକ୍ତ ଅଙ୍ଗୀକାର (ପ୍ରତିଶ୍ରୁତି) ବଦର୍ ଯୁଦ୍ଧ ଦିନ ପ୍ରକାଶିତ ହେଲା ଏବଂ ଅବିଶ୍ୱାସକାରୀ ମୁସଲମାନମାନଙ୍କର ଲୋତକାପ୍ଲୁତ ଖଡ଼୍ଗ ଦ୍ୱାରା ନିହତ ହେଲେ । **(ଖୁତ୍‌ବା ଇଲହାମିୟାହ୍, ରୁହାନୀ ଖଜାଏନ୍, ଭାଗ-16, ପୃ-273-277)**

ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି: "ବର୍ତ୍ତମାନ ଏହି ଚତୁର୍ଦ୍ଦଶ ଶତାବ୍ଦୀରେ ସେହିଭଳି ପରିସ୍ଥିତି ସୃଷ୍ଟି ହେଉଅଛି ଯେପରି ବଦର୍ ଯୁଦ୍ଧ ଅବସରରେ ହୋଇଥିଲା। ଯେଉଁଥିପାଇଁ ଅଲ୍ଲାଃତାଲା ସୁରାଃ ଆଲେ ଇମ୍ରାନରେ କୁହନ୍ତି: وَلَقَدۡ نَصَرَکُمُ اللّٰہُ بِبَدۡرٍ وَّ اَنۡتُمۡ اَذِلَّۃٌ ଅର୍ଥାତ୍ ଯେତେବେଳେ ଚତୁର୍ଦ୍ଦଶ ଶତାବ୍ଦୀରେ ଇସଲାମ୍ ଧର୍ମ କ୍ରମଶଃ ଦୁର୍ବଳ ଏବଂ ବୃଦ୍ଧ ହୋଇଯିବ ସେତେବେଳେ ଅଲ୍ଲାଃତାଲାଙ୍କ ଅଙ୍ଗୀକାର ମୁତବାକ ଇସଲାମ୍ ଧର୍ମର ସାହାଯ୍ୟ କରିବେ ।" **(ଲେକ୍‌ଚର ଲୁଧିୟାନା ରୁହାନୀ ଖଜାଏନ୍, ଭାଗ-20, ପୃ-280)**

ଆପଣ ଅ.ସ କୁହନ୍ତି: "ବର୍ତ୍ତମାନ ଦେଖ ! ସାହାବା ର.ଅଙ୍କୁ ବଦର୍ ଯୁଦ୍ଧରେ କିପରି ସାହାଯ୍ୟ କରାଯାଇଥିଲା । ଏହି ସାହାଯ୍ୟ ଏଭଳି ସମୟରେ ପ୍ରଦାନ କରାଗଲା ଯେତେବେଳେ ସେମାନେ (ସାହାବାମାନେ) ସ୍ୱଳ୍ପ ସଂଖ୍ୟକ ଥିଲେ । ଅତଃ ସେହି ବଦର୍ ଯୁଦ୍ଧରେ ଅବଜ୍ଞାର ଅନ୍ତ ଘଟିଥିଲା । ବଦର୍ ଯୁଦ୍ଧ ଅବସରରେ ଏପରି ମହାନ ନିଦର୍ଶନ ପ୍ରାଦୁର୍ଭୂତ ହେବା ପରିପ୍ରେକ୍ଷୀରେ ଭବିଷ୍ୟତର ମଧ୍ୟ ଏକ ସୂଚନା ନିହିତ ରହିଥିଲା । ତାହା ଏହିକି ଯେ, ବଦର୍ କହିଲେ ଚତୁର୍ଦ୍ଦଶ ଦିବସର ରାତ୍ରର ଚନ୍ଦ୍ରକୁ ବୁଝାଏ । ତହିଁରୁ ଚତୁର୍ଦ୍ଦଶ ଶତାବ୍ଦୀରେ ଅଲ୍ଲାଃତାଲାଙ୍କ ସାହାଯ୍ୟର ପରିପ୍ରକାଶ ଆଡ଼କୁ ଇଙ୍ଗିତ ରହିଛି । ସୁତରାଂ ଚତୁର୍ଦ୍ଦଶ ଶତାବ୍ଦୀ ହେଉଛି ସେହି ଶତାବ୍ଦୀ ଯାହା ସଂପର୍କରେ ମହିଳାମାନେ କହୁଥିଲେ ଯେ, ଚତୁର୍ଦ୍ଦଶ ଶତାବ୍ଦୀ ପୁଣ୍ୟ ତଥା କଲ୍ୟାଣ ଘେନି ଆସିବ । ଅଲ୍ଲାଃତାଲାଙ୍କ କଥନ ସତ୍ୟ ହେଲା ଏବଂ ଚତୁର୍ଦ୍ଦଶ ଶତାବ୍ଦୀରେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟ ତଥା ପ୍ରୟୋଜନ ମୁତାବକ ଆଁହଜରତ ସ.ଅଙ୍କ ପ୍ରତିବିମ୍ବ ପ୍ରାଦୁର୍ଭୂତ ହେଲା ଏବଂ ସେହି ପ୍ରତିବିମ୍ବ ମୁଁ (ହ. ମସିହ୍ ମଉଦ୍ ଅ.ସ) ଅଟେ । ଉକ୍ତ ଘଟଣା ଆଡ଼କୁ ବଦର୍ ଯୁଦ୍ଧର ଆୟତ୍‌ରେ ଭବିଷ୍ୟତବାଣୀ କରାଯାଇଥିଲା । ଯେଉଁ ଯୁଗ ଓ ଯେଉଁ ମସିହ୍ ତଥା ମେହଦୀଙ୍କୁ ଆଁହଜରତ ସ.ଅ ସଲାମ୍ (ନମସ୍କାର) ଜଣାଇଛନ୍ତି । କିନ୍ତୁ ଦୁଃଖ ଓ ପରିତାପ ସେହି ବ୍ୟକ୍ତିଙ୍କ ଉପରେ ଯେଉଁମାନେ ଉକ୍ତ ଚନ୍ଦ୍ରକୁ ଦେଖି ନଦେଖିଲା ବାଲାଙ୍କ ପରି ହେଉଛନ୍ତି । ଉକ୍ତ ପ୍ରତିଶ୍ରୁତ ମସିହଙ୍କ ସମୟକୁ ପ୍ରାପ୍ତ କଲେ ଏବଂ ସେହି ପ୍ରତିଶ୍ରୁତ ମସିହଙ୍କୁ ଚିହ୍ନି ପାରିଲେ ନାହିଁ। ସେହି ବକ୍ତାମାନେ ଯେଉଁମାନେ ମଞ୍ଚ ଉପରେ ଛିଡ଼ା ହୋଇ କ୍ରନ୍ଦନ ଏବଂ ବିଳାପ କରୁଥିଲେ ଯେ, ଚତୁର୍ଦ୍ଦଶ ଶତାବ୍ଦୀରେ ଏହା ହେବ ତାହା ହେବ ସେମାନେ ମୃତ୍ୟୁ ବରଣ କଲେ । ସେହିପରି ଯେଉଁମାନେ ବର୍ତ୍ତମାନ ମଞ୍ଚ ଉପରେ ଚଢି ଏହା କହୁଛନ୍ତି ଯେ, ଯେଉଁ ବ୍ୟକ୍ତି ମସିହ୍ ହେବାର ଦାବି କରୁଛି ସେ ମିଥ୍ୟାବାଦୀ ଅଟେ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ସେହି ଲୋକମାନଙ୍କୁ କ'ଣ ହୋଇଯାଇଛି, ଏମାନେ ସତ୍ୟକୁ କାହିଁକି ଦେଖିପାରୁ ନାହାନ୍ତି ଓ ବିଚାର କରୁ ନାହାନ୍ତି । ଅଲ୍ଲାଃତାଲା ବଦର୍ ଯୁଦ୍ଧ ଦିନ ସାହାଯ୍ୟ କରିଥିଲେ ଯେତେବେଳେ ମୁସଲମାନଙ୍କର ସାହାଯ୍ୟ اَذِلَّۃٌ ର ସାହାଯ୍ୟ ଥିଲା ଏବଂ ଯେତେବେଳେ 313 ଜଣ ବ୍ୟକ୍ତି କେବଳ ରଣଭୂମିରେ ଅବତୀର୍ଣ୍ଣ ହୋଇଥିଲା ଏବଂ ମୋଟ୍ ଦୁଇ ତିନୋଟି କାଠ ଖଣ୍ଡ ମୁସଲମାନମାନଙ୍କ ପାଖରେ ଥିଲା ଏବଂ 313 ଜଣଙ୍କ ମଧ୍ୟରେ ଅଧିକ ସଂଖ୍ୟକ ବାଳକମାନଙ୍କର ଥିଲା । ତେଣୁ ଏହାଠୁ ଅଧିକ ଦୁର୍ବଳ ଅବସ୍ଥା ଆଉ କ'ଣ ବା ହୋଇପାରେ ? ଅନ୍ୟ ପଟରେ ବିଶାଳ ସଂଖ୍ୟକ ସୈନ୍ୟ ବାହିନୀ ଥିଲା । ସେମାନେ ସମସ୍ତେ ବିଭିନ୍ନ ଯୁଦ୍ଧାସ୍ତ୍ର ଦ୍ୱାରା ସଜ୍ଜିତ ଏବଂ ବୀର ଯୁବକ ଥିଲେ । ପ୍ରକାଶ୍ୟ ରୂପେ ଦେଖିବାକୁ ଗଲେ ଆଁହଜରତ ସ.ଅଙ୍କ ନିକଟରେ କିଛି ନଥିଲା । ଅତଏବ୍ ସେତେବେଳେ ଆଁହଜରତ ସ.ଅ ନିଜ ସ୍ଥାନରେ ଏହି ଦୁଆ କଲେ, اَللّٰهُمَّ اِنۡ اَهۡلَکۡتَ هٰذِهِ الۡعِصَابَةَ لَنۡ تُعۡبَدَ فِی الۡاَرۡضِ اَبَدًا ଅର୍ଥାତ୍ ହେ ଅଲ୍ଲାଃ ! ଆଜି ଯଦି ତୁମ୍ଭେ ଏହି ସ୍ୱଳ୍ପ ଗୋଷ୍ଠୀର ବିନାଶ ଘଟାଇ ଦେଲ ତେବେ ଧରା ପୃଷ୍ଠରେ ତୁମ୍ଭର ଆଉ କେହି ଉପାସନା କରିବେ ନାହିଁ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି; "ଶୁଣ ମୁଁ ମଧ୍ୟ ନିଃସନ୍ଦେହ ରୂପେ ଏହିପରି କହୁଛି ଯେ, ଆଜି ସେହିପରି ବଦର୍‌ର ପ୍ରସଙ୍ଗ ଏବଂ ବଦର୍ ପରି ବ୍ୟବହାର ପ୍ରଭୁ ଆମ୍ଭମାନଙ୍କ ସହିତ କରିବେ ଓ ପ୍ରଭୁ ଏକ ଜମାଅତ୍ ପ୍ରସ୍ତୁତ କରୁଛନ୍ତି । ଅତଏବ୍ ସେହି ବେଦର୍ ଏବଂ ସେହି اَذِلَّۃٌ ର ଶବ୍ଦ ପବିତ୍ର କୁରଆନ୍‌ରେ ବିଦ୍ୟମାନ ରହିଛି ।" **(ମଲ୍‌ଫୁଜାତ୍, ଭାଗ-2, ପୃ-190-191, ପ୍ରକାଶନ ବର୍ଷ-1984 ମସିହା)**

ହ. ମସିହ୍ ମଉଦ୍ ଅ.ସ କୁହନ୍ତି; "14ତମ ସଂଖ୍ୟାର ଶତାବ୍ଦୀ ସହିତ ଗଭୀର ସଂପର୍କ ରହିଛି । ଚତୁର୍ଦ୍ଦଶ ଶତାବ୍ଦୀର ଚନ୍ଦ୍ର ସଂପୂର୍ଣ୍ଣ ହୋଇଥା । ଅଲ୍ଲାଃତାଲା ଏହି ଆଡ଼କୁ ସୁରାଃ ଆଲେ ଇମ୍ରାନ୍‌ର 124 ନଂ ଆୟତ୍ وَلَقَدۡ نَصَرَکُمُ اللّٰہُ بِبَدۡرٍ وَّ اَنۡتُمۡ اَذِلَّۃٌ ରେ ଇଙ୍ଗିତ କରିଛନ୍ତି । ଅର୍ଥାତ୍ ବଦର୍ ହେଉଛନ୍ତି ସେହି ଅସ୍ତିତ୍ୱ ଅର୍ଥାତ୍ ଆଁହଜରତ ସ.ଅ ଯିଏ ବିରୋଧୀମାନଙ୍କ ଉପରେ ବିଜୟ ପ୍ରାପ୍ତ କରିଥିଲେ । ସେତେବେଳେ ଆପଣ ସ.ଅଙ୍କ ଜମାଅତ୍‌ର ସଂଖ୍ୟା ସ୍ୱଳ୍ପ ଥିଲା ଏବଂ ଅନ୍ୟ ଏକ ବଦର୍ କହିଲେ ସଂପ୍ରତିକ ଚତୁର୍ଦ୍ଦଶ ଶତାବ୍ଦୀ । ଅର୍ଥାତ ହ. ମସିହ୍ ମଉଦ୍ ଅ.ସଙ୍କ ଯୁଗ ।" **(ମଲ୍‌ଫୁଜାତ୍, ଭାଗ-4, ପୃ-12, ପ୍ରକାଶନ ବର୍ଷ-1984 ମସିହା)**

ହ. କାଜି ଅବ୍‌ଦୁର୍ ରହିମ୍ ସାହେବ ର.ଅ ନିଜର ଡାଏରୀ (ଦିନଳିପି) 17 ଫେବୃୟାରୀ 1904 ମସିହାରେ ଉଲ୍ଲେଖ କରନ୍ତି ଯେ, "ଆଜି ରାତ୍ରରେ ହୁଜୁର୍ ଅ.ସ ମୋ ଆଗରେ ଏକ ସ୍ୱପ୍ନର ଚର୍ଚ୍ଚା କଲେ, କେହି ଜଣେ କହିଲା କି ବଦର୍ ଯୁଦ୍ଧର ଘଟଣାକୁ ଭୁଲ ନାହିଁ ।" **(ତଜ୍‌କିରାହ୍, ପୃ-668, ପ୍ରକାଶନ ବର୍ଷ-2004 ମସିହା)**

ଅଲ୍ଲାଃତାଲା ବିଶେଷ ରୂପେ ଆମମାନଙ୍କ ମଧ୍ୟରେ ବଦର୍ ଯୁଦ୍ଧର ମହତ୍ତ୍ୱ ପ୍ରତି ଅବବୋଧ ସୃଷ୍ଟି କରନ୍ତୁ ଏବଂ ଆମେମାନେ ଆଁହଜରତ ସ.ଅଙ୍କ ସତ୍ୟବାଦୀ ଦାସଙ୍କ ଆଗମନର ଅଭିପ୍ରାୟକୁ ହୃଦୟଙ୍ଗମକାରୀ ବ୍ୟକ୍ତି ରୂପେ ପରିଗଣିତ ହେବାକୁ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଅଲ୍ଲାଃତାଲା କରନ୍ତୁ କି ମୁସଲମାନ ଜାତି ମଧ୍ୟ ଉକ୍ତ ବଦର୍‌ର ବାସ୍ତବତାକୁ ବୁଝିବା ଏବଂ ଆଁହଜରତ ସ.ଅଙ୍କ ଦାସତ୍ୱରେ ଆଗତ ମସିହ୍ ମଉଦ୍ ଅ.ସଙ୍କୁ ଚିହ୍ନନ୍ତୁ । କାରଣ ଏହି ମୁସଲମାନମାନେ ପୁନଃ ନିଜର ହଜି ଯାଇଥିବା ଯଶ, ମର୍ଯ୍ୟାଦା ଏବଂ ଖ୍ୟାତିକୁ ପ୍ରାପ୍ତ କରିବା ନିମନ୍ତେ ସକ୍ଷମ ହୁଅନ୍ତୁ । ବର୍ତ୍ତମାନ ମୁଁ ଜଲ୍‌ସା ସାଲାନା ସଂପର୍କରେ ମଧ୍ୟ କିଛି କହିବାକୁ ଚାହୁଁଛି । **ଇନ୍‌ଶାଅଲ୍ଲାଃ** ଆସନ୍ତା ଶୁକ୍ରବାର ଠାରୁ ଜମାଅତ୍ ଅହେମଦିୟା ୟୁ.କେର ଜଲ୍‌ସା ସାଲାନା ଆରମ୍ଭ ହେବ । ଚଳିତ୍ ବର୍ଷ ଇନ୍‌ଶାଅଲ୍ଲାଃ ପ୍ରାୟ ତିନି ଚାରି ବର୍ଷ ପରେ ଜଲ୍‌ସାରେ ସାମିଲ୍ ହେବା ନିମନ୍ତେ କେବଳ ବାହାରୁ ବିପୁଳ ସଂଖ୍ୟାରେ ଅତିଥିମାନେ ଆସିବେ ନାହିଁ ବରଂ ଅତିଥିମାନଙ୍କର ଆଗମନ ଆରମ୍ଭ ହୋଇସାରିଛି । ଅଲ୍ଲାଃତାଲା ସେହି ସମସ୍ତ ଯାତ୍ରାକାରୀଙ୍କ ଯାତ୍ରାରେ ସହଜତା ସୃଷ୍ଟି କରନ୍ତୁ ଏବଂ ସେମାନେ ସୁରକ୍ଷିତ ଭାବରେ ଏଠାରେ ପହଞ୍ଚନ୍ତୁ ଏବଂ ଜଲ୍‌ସା ସାଲାନାର ଅଭିପ୍ରାୟରୁ ପ୍ରକୃତ ରୂପେ ଉପକୃତ ହୁଅନ୍ତୁ । ସେହିପରି ୟୁ.କେରେ ବାସ କରୁଥିବା ଅହେମଦିମାନେ ମଧ୍ୟ ପ୍ରକୃତ ମନୋଭାବ ଏବଂ ଉତ୍ସାହର ସହିତ ଜଲ୍‌ସାରେ ସାମିଲ୍ ହୁଅନ୍ତୁ । କେବଳ ଏହି କଥା ଦୃଷ୍ଟି ସମ୍ମୁଖରେ ରହିବା ଉଚିତ୍ ଯେ, ଆମେମାନଙ୍କୁ ଜଲ୍‌ସାର ଦିନମାନଙ୍କରେ ଆଧାତ୍ମିକ ଆହାର ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ କରିବା ଉଚିତ୍ । ସେହିପରି ସମସ୍ତ ସ୍ୱେଚ୍ଛାସେବୀ କର୍ମଚାରୀମାନେ ଯେଉଁମାନେ ଜଲ୍‌ସାର ବିଭିନ୍ନ ବିଭାଗର ଡ୍ୟୁଟିରେ ମୁତୟନ ହୋଇଛନ୍ତି ସେମାନେ ଚେଷ୍ଟା କରନ୍ତୁ କି ସେମାନେ ପ୍ରତ୍ୟେକ ଅତିଥିଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ ଅତିଥି ବୋଲି ମନେକରି ସେମାନଙ୍କର ସେବା କରନ୍ତୁ ।

ଏଥର ଏହି ଆଶା କରାଯାଉଛି ଯେ, ଜଲ୍‌ସାରେ ସାମିଲ୍ ହେବାକୁ ଥିବା ସଂଖ୍ୟାରେ ମଧ୍ୟ ଅଭିବୃଦ୍ଧି ହେବ । ଏହା ଏଥିଯୋଗୁଁ ହୋଇପାରେ ଯେ, ବ୍ୟବସ୍ଥା ଦୃଷ୍ଟିରୁ କେତେକ ତ୍ରୁଟି ମଧ୍ୟ କେତେକ ସ୍ଥାନରେ ରହିଯାଇ ପାରେ । ସେମିତି କହିବାକୁ ଗଲେ ମୁଁ ଏହା ଆଶା କରୁଛି ଯେ, **ମାଶାଅଲ୍ଲାଃ** ୟୁ.କେର ଜମାଅତ୍


**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଜଲ୍‌ସା ସାଲାନାର ବ୍ୟବସ୍ଥାପିକା ତଥା ପରିଚାଳନା କମିଟି ବର୍ତ୍ତମାନ ଏତେ ଅଭିଜ୍ଞ ହୋଇଯାଇଛି ଯେ, ଅଧିକାଂଶ ସମସ୍ୟାର ସେମାନେ ସ୍ୱୟଂ ସମାଧାନ କରି ନେଇଥିବେ । ଆଉ ଯଦିବି କୌଣସି ତ୍ରୁଟି କିମ୍ବା କୌଣସି ଦୁର୍ବଳତା ରହିଯାଇଥିବ ତେବେ ତାହା ଅତ୍ୟନ୍ତ ସାଧାରଣ ତ୍ରୁଟି ହୋଇଥିବ । ଯଦି କୌଣସି ସମସ୍ୟା ସୃଷ୍ଟି ହୁଏ ତେବେ ତାହାକୁ ଅତ୍ୟନ୍ତ ଉତ୍ତମ ଢଙ୍ଗରେ ଏବଂ ଶୃଙ୍ଖଳିତ ଉପାୟରେ ସମାଧାନ କରାଯାଇ ପାରିବ । ଅଲ୍ଲାଃତାଲା କରନ୍ତୁ କି ଏପରି କୌଣସି ସମସ୍ୟା ନ ଉପୁଜୁ ଯାହାକି ଅତିଥିମାନଙ୍କ ନିମନ୍ତେ କୌଣସି କଷ୍ଟ ବା ପୀଡ଼ାର କାରଣ ସାଜିବ । ଇସ୍‌ଲାମ୍ ଧର୍ମ ଅତିଥିମାନଙ୍କର ଆଦର ଏବଂ ଅତିଥିମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ପ୍ରତି ଅତ୍ୟଧିକ ଭାବରେ ଅନୁପ୍ରାଣିତ କରିଥାଏ । ପୁନଶ୍ଚ ସେହି ଅତିଥିମାନେ ଯେଉଁମାନେ ହ. ମସିହ୍ ମଉଦ୍ ଅ.ସଙ୍କ ଡାକିବା ଯୋଗୁଁ ନୈଷ୍ଠିକ ଧାର୍ମିକ ଉଦ୍ଦେଶ୍ୟ ରଖି ଜଲ୍‌ସାକୁ ଆସୁଛନ୍ତି ସେହି ଅତିଥାମାନଙ୍କର ସେବା ତଥା ସମ୍ମାନ ପ୍ରଦର୍ଶନ କରିବା ସକାଶେ ବିଶେଷ କରି ଅତିଥି ସତ୍କାରକଙ୍କୁ ଉଦ୍ୟମ ଏବଂ ଅତିଥି ସେବା କରିବା ଉଚିତ୍ । ବିଶେଷ ରୂପେ ବଳିଦାନର ମନୋଭାବ ରଖି ଓ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତ କରିବାର ଉଦ୍ଦେଶ୍ୟ ରଖିବା ସଙ୍ଗେସଙ୍ଗେ ଉକ୍ତ ସେବା ସମ୍ପାଦନ କରିବା ଉଚିତ୍ । ଅତିଥିମାନଙ୍କର ଅତିଥି ସେବା ସଂକ୍ରାନ୍ତରେ ଇସ୍‌ଲାମ୍ ଧର୍ମର କ'ଣ ଶିକ୍ଷା ରହିଛି ? ଆଁହଜରତ ସ.ଅ ଆମମାନଙ୍କ ଠାରୁ ଅତିଥିମାନଙ୍କ ସେବା କରିବା ସଂକ୍ରାନ୍ତରେ କେଉଁ ଆଶା ତଥା ଅଭିଳାଷା ପୋଷଣ କରନ୍ତି ତତ୍‌ସଂକ୍ରାନ୍ତରେ ଆପଣ ଅ.ସ ଏକ ଅବସରର କହିଲେ, ଯେଉଁ ବ୍ୟକ୍ତି ଅଲ୍ଲାଃତାଲା ଏବଂ ୟୌମେ ଆଖିରତ୍ (ପ୍ରଳୟ ଦିବସ) ଉପରେ ବିଶ୍ୱାସ ଆଣେ ତେବେ ସେ ନିଜ ଅତିଥିର ଆଦର, ଆତିଥ୍ୟତା ଏବଂ ସତ୍କାର ଓ ଅତିଥି ପ୍ରତି ସମ୍ମାନ ପ୍ରଦର୍ଶନ କରୁ । **(ସହିହୁଲ୍ ବୁଖାରୀ, କିତାବୁଲ୍ ବୁଖାରୀ, କିତାବୁଲ୍ ଅଦବ୍, ବାବ୍-ଇକ୍ରାମୁଲ୍ ଜୈଫି......ହଦିସ୍ ନଂ-6135)**

ଜଲ୍‌ସାର ଦିନମାନଙ୍କରେ ତ' ବିଭିନ୍ନ ଜାତି ଓ ନାନା ସ୍ୱଭାବର ଲୋକମାନେ ଆସନ୍ତି । ବେଳେବେଳେ ସମସ୍ୟା ମଧ୍ୟ ଦେଖା ଦେଇଥାଏ ଯେ, କିପରି ସେହି ଭିନ୍ନ ସ୍ୱଭାବର ବ୍ୟକ୍ତିମାନଙ୍କର ଯତ୍ନ ନିଆଯିବ । ବେଳେବେଳେ ଅତିଥି ନିଜ ସ୍ୱଭାବ ଅନୁଯାୟୀ ଏପରି କଥା କହି ଦେଇଥାଏ କିମ୍ବା ଏପରି ଭାବ ପରିପ୍ରକାଶ କରି ଦେଇଥାଏ ଯାହାକି ଡିଉଟି ଦେଉଥିବା ସେବକମାନଙ୍କ ନିମନ୍ତେ ଅପ୍ରିତୀକର ହୋଇଥାଏ । କିନ୍ତୁ ଆମମାନଙ୍କୁ ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ଏହି ଆଦେଶ ଦେଇଛନ୍ତି ଯେ, ତୁମେମାନେ ପ୍ରତ୍ୟେକ ପରିସ୍ଥିତିରେ ଅତିଥିମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଉଚିତ୍ । କାରଣ ଏହା ଦ୍ୱାରା ତୁମମାନଙ୍କର ବିଶ୍ୱାସର ସ୍ତରକୁ ମଧ୍ୟ ପରଖା (ପରୀକ୍ଷା କରା) ଯାଇଥାଏ । ଅତଏବ୍ ଏକଥାର ବିଶେଷ ରୂପେ ଧ୍ୟାନ ରଖନ୍ତୁ ଏବଂ ଡିଉଟି ଦେଉଥିବା କର୍ମୀମାନଙ୍କୁ ସର୍ବଦା ଉତ୍ତମ ଚରିତ୍ର ଓ ଉତ୍ତମ ବ୍ୟବହାର ପ୍ରଦର୍ଶନ କରୁଥିବା ଉଚିତ୍ ଏବଂ ସ୍ମିତହାସ୍ୟ ପ୍ରକାଶ କରୁଥିବା ଉଚିତ୍ ।

ସେବକମାନେ ସ୍ୱଇଚ୍ଛାରେ ନିଜକୁ ଅତିଥିମାନଙ୍କ ସେବା କରିବା ନିମନ୍ତେ ଉପସ୍ଥାପିତ କରିଛନ୍ତି ତେଣୁ ସେହି ସ୍ତରକୁ ପ୍ରାପ୍ତ କରନ୍ତୁ ଯାହା ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହ ଆମମମାନଙ୍କ ଠାରୁ ଆଶା ରଖୁଛନ୍ତି । ଉତ୍ତମ ଚରିତ୍ରର ପରିପ୍ରକାଶ କରିବା ନିମନ୍ତେ କେଉଁ ସ୍ତରକୁ ପ୍ରାପ୍ତ କରିବା ପ୍ରତି ଇସ୍‌ଲାମ୍ ଧର୍ମ ଆମମାନଙ୍କୁ ଅନୁପ୍ରାଣିତ କରୁଛି ? ତତ୍‌ସଂକ୍ରାନ୍ତରେ ଆଁହଜରତ ସ.ଅ କୁହନ୍ତି, ତୋର ନିଜ ଭାଇ ଆଗରେ ସ୍ମିତହାସ୍ୟ ପ୍ରକାଶ କରିବା ସଦ୍‌କା (ଦାନ) ଅଟେ। ତୋର ନିଜ ଭାଇକୁ ଭଲ କଥା କହିବା ପ୍ରତି ଅନୁପ୍ରାଣିତ କରିବା, ମନ୍ଦ କଥାରୁ ରୋକିବା ମଧ୍ୟ ତୋ ନିମନ୍ତେ ସଦ୍‌କା ଅଟେ । କୌଣସି ବିପଥଗାମୀ ବ୍ୟକ୍ତିକୁ ମାର୍ଗଦର୍ଶନ କରାଇବା, ଅନ୍ଧକୁ ମାର୍ଗ ଦେଖାଇବା ତୋ ନିମନ୍ତେ ସଦ୍‌କା ଅଟେ। ମାର୍ଗରୁ କଷ୍ଟଦାୟକ ବସ୍ତୁ ହଟାଇବା ଯଥା- କଣ୍ଟା, ପଥର, ହାଡ଼ ଇତ୍ୟାଦି ତୋ ନିମନ୍ତେ ସଦ୍‌କା ଅଟେ । ଅର୍ଥାତ୍ ପ୍ରତ୍ୟେକ ମଳ, କଳୁଷିତ ବସ୍ତୁକୁ ମାର୍ଗରୁ ହଟାଇବା ମଧ୍ୟ ସଦ୍‌କା ଅଟେ । ନିଜ ବାଲ୍‌ଟିରୁ ଅନ୍ୟ ଭାଇର ବାଲଟିରେ କିଛି ଜିନିଷ ବା ଜଳ ପକାଇ ଦେବା ମଧ୍ୟ ତୋ ନିମନ୍ତେ ସଦ୍‌କା ଅଟେ । **(ଯାମେ ତିର୍ମିଜି, ଅବ୍‌ୱାବୁର୍ ବିର୍‌ରି ୱସ୍‌ସିଲା, ବାବ୍ ମା ଯାଆ ଫି ସନାଇଲ୍ ମାରୁଫେ, ହଦିସ୍-1956)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏହା ହେଉଛି ସେହି ସ୍ତର ଯାହାକି ପ୍ରତ୍ୟେକ ଅହେମଦିର ଏହିପରି ସ୍ତର ହେବା ଉଚିତ୍ । କାରଣ ମୁଁ ବର୍ତ୍ତମାନ କର୍ମକର୍ତ୍ତା ବୃନ୍ଦମାନଙ୍କର ମଧ୍ୟ ଧ୍ୟାନ ଆକର୍ଷଣ କରୁଛି ଏବଂ ସେମାନଙ୍କୁ ବିଶେଷ ରୂପେ କହୁଛି ଯେ, ସେମାନେ ସର୍ବଦା ସ୍ମିତହାସ୍ୟ ପ୍ରକାଶ କରିବା ଏକ ବିଶେଷ ଗୁଣାବଳୀ ରହିଛି । ଡ଼ିଉଟି ସମୟରେ ବେଳେବେଳେ ଶୋଇବାକୁ କମ୍ ସମୟ ମିଳିଥାଏ, ବ୍ୟକ୍ତି କ୍ଲାନ୍ତ ମଧ୍ୟ ହୋଇ ପଡ଼ିଥାଏ । କିନ୍ତୁ ଏହା ଆଦେଶ ରହିଛି ଯେ, ଏଭଳି ପରିସ୍ଥିତିରେ ମଧ୍ୟ ତୁମେମାନେ ସ୍ମିତହାସ୍ୟ ପ୍ରକାଶ କର ଏବଂ ପ୍ରସନ୍ନଚିତ୍ତର ସହିତ ସେବା କର । ପୁନଶ୍ଚ ତର୍ବିୟତ୍ (ସଂସ୍କାର) ବିଭାଗକୁ ବିଶେଷ ରୂପେ ଏବଂ ସାଧାରଣ ଡ଼ିଉଟି ଦେଉଥିବା ବ୍ୟକ୍ତିମାନଙ୍କୁ ସାଧାରଣତଃ ଏହା ଧ୍ୟନା ରଖିବା ଉଚିତ୍ ଯେ, ଯଦି କୌଣସି ବ୍ୟକ୍ତି ମଧ୍ୟରେ କୌଣସି ଭୁଲ କଥା ଦେଖନ୍ତି, ଯାହାକି ପରିବେଶର ପବିତ୍ରତା ଏବଂ ଶିକ୍ଷା ବିରୁଦ୍ଧୀୟ ତାହା ହୋଇଥାଏ ତେବେ ବିନମ୍ରତା ଏବଂ ପ୍ରେମ ଦ୍ୱାରା ବୁଝାଇବାକୁ ଚେଷ୍ଟା କରନ୍ତୁ ।

ପୁନଶ୍ଚ ପରବର୍ତ୍ତୀ ଯେଉଁ କଥା ରହିଛି ତାହା ହେଉଛି ରାସ୍ତା ସଫା ରଖିବା। ଆମ ଜମାଅତ୍‌ରେ ରାସ୍ତା ଦେଖାଇବା ନିମନ୍ତେ ମଧ୍ୟ ଦଳ ଗଠନ ହୋଇଛି ଏବଂ ଏଥିପାଇଁ ଦଳମାନେ ନିୟୋଜିତ ମଧ୍ୟ ହୋଇଛନ୍ତି । ସେହିପରି ବିଭିନ୍ନ ସ୍ଥାନମାନଙ୍କରେ ସାଇନ୍ ବୋର୍ଡ଼ (ସୂଚନା ଫଳକ) ଟଙ୍ଗା ଯାଇଛି ଏବଂ ସେହି ସୂଚନା ଫଳକରେ ମାର୍ଗଦର୍ଶିକା ମଧ୍ୟ ଉଲ୍ଲେଖ ହୋଇଛି ଓ ସ୍ଥାନମାନଙ୍କ ଚିହ୍ନ ତଥା ପ୍ରତୀକ ମଧ୍ୟ ଚିତ୍ରିତ କରି ଦିଆଯାଇଛି । କିନ୍ତୁ ତଥାପି ଯଦି କୌଣସି ବ୍ୟକ୍ତି ଡିଉଟି ଦେଉଥିବା ସ୍ୱେଚ୍ଛାସେବୀକୁ ବାଟ କିମ୍ବା କୌଣସି ସଂକ୍ରାନ୍ତରେ ପଚାରେ ତେବେ ତା'ର ମାର୍ଗଦର୍ଶନ କରିବା ଉଚିତ୍ । ଏହା ଜରୁରୀ ନୁହେଁ ଯେ, ଯେଉଁ ସ୍ୱେଚ୍ଛାସେବୀମାନଙ୍କର ଡିଉଟି ଲଗାଯାଇଛି ସେହିମାନେ ହିଁ କହିବେ । ବରଂ ପ୍ରତ୍ୟେକ ବ୍ୟକ୍ତି ଯିଏ ମାର୍ଗ ସଂପର୍କରେ ଜାଣେ ତେବେ ସେ ମଧ୍ୟ ଅନ୍ୟ ବ୍ୟକ୍ତିଙ୍କୁ ବାଟ ଦେଖାଇ ଦେବା ଉଚିତ୍ । ଉତ୍ତମ ଚରିତ୍ରବତ୍ତା ପ୍ରଦର୍ଶନ କହିଲେ ଏହା ହିଁ ବୁଝାଇଥାଏ । ଯଦି ନିଜେ ଜାଣି ନାହାନ୍ତି ତେବେ ସଂପୃକ୍ତ ବିଭାଗ ପର୍ଯ୍ୟନ୍ତ ପହଞ୍ଚାଇ ଦିଅନ୍ତୁ । ଅକ୍ଷମ ଏବଂ ଅନ୍ଧ ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିବା ଅତ୍ୟନ୍ତ ଜରୁରୀ ଅଟେ । ଏକଥା ପ୍ରତ୍ୟେକ ବ୍ୟକ୍ତି ଜାଣେ ଏବଂ ଏଠାରେ ଏଥିପ୍ରତି ମଧ୍ୟ ଧ୍ୟାନ ଦିଆଯାଇଥାଏ । ଅତଏବ୍ ତତ୍‌ସଂକ୍ରାନ୍ତରେ ଅଧିକ କିଛି କହିବାର ଆବଶ୍ୟକତା ନାହିଁ । ପୁନଶ୍ଚ ମାର୍ଗ, ବିଭିନ୍ନ ସ୍ଥାନମାନଙ୍କରେ ଯଦି କୌଣସି ଅତିଥି କିମ୍ବା କୌଣସି ବ୍ୟକ୍ତି, ଲଫାଫା, ଡିସ୍ପୋଜାଲ୍ ଗ୍ଲାସ୍ ଇତ୍ୟାଦି କିମ୍ବା ଅନ୍ୟ ବସ୍ତୁ, ଅଳିଆ ଆବର୍ଜନା ଇତ୍ୟାଦି ଫିଙ୍ଗି ଦେଇଥାଆନ୍ତି । ତେବେ ସ୍ୱଚ୍ଛତା ବିଭାଗ ଏଥିପ୍ରତି ଧ୍ୟାନ ଦିଅନ୍ତୁ । କିନ୍ତୁ ଯେକୌଣସି ସେବକ ବା କର୍ମୀ ଏପରି କୌଣସି ଅଳିଆ ଆବର୍ଜନା ଯଦି ଦେଖନ୍ତି ତାହାହେଲେ ସ୍ୱୟଂ ଉଠାଇ ତାହାକୁ ନିକଟବର୍ତ୍ତୀ ଡଷ୍ଟବିନ୍‌ରେ (ଆବର୍ଜନା କୁଣ୍ଡରେ) ପକାଇ ଦିଅନ୍ତୁ ଏବଂ ବ୍ୟବସ୍ଥାପିକା କମିଟିକୁ ମଧ୍ୟ ନାନା ସ୍ଥାନରେ ପାଖା ପାଖି ଡଷ୍ଟବିନ୍ ରଖିବା ଉଚିତ୍ । କିନ୍ତୁ ତତ୍‌ସହିତ ପ୍ରଶାସନିକ କମିଟିକୁ ଏହି ନିରୀକ୍ଷଣ ମଧ୍ୟ କରିବା ଉଚିତ୍ ଯେ, ପରିସ୍ଥିତି ଏପରି ଅନୁକୁଳ ହୋଇଛି ଯେ କୌଣସି ବ୍ୟକ୍ତି ଭୁଲ୍ ବସ୍ତୁ ତହିଁରେ (ଡଷ୍ଟବିନ୍‌ରେ) ଯେପରି ଫିଙ୍ଗି ନଦେଉ ।

ସେହିପରି ଭୋଜକ (ଆହାର ଖୁଇଲାବାଲା) ଯେଉଁ ଲୋକମାନେ ଅଛନ୍ତି ସେମନାଙ୍କୁ ମଧ୍ୟ ଅତିଥିମାନଙ୍କ ବିଶେଷ ଯତ୍ନ ନେବା ଉଚିତ୍ । କାରଣ ପ୍ରତ୍ୟେକ ଅତିଥିଙ୍କୁ କିଛି ନା କିଛି ମିଳିଯାଉ । ପ୍ରାୟତଃ ଏହାର ସମ୍ଭାବନା ଖୁବ୍ କମ୍ ହୋଇଥାଏ। କିନ୍ତୁ ଯଦି କେତେବେଳେ ଏପରି ସ୍ଥିତି ସୃଷ୍ଟି ହୋଇଯାଏ ତେବେ ଅତ୍ୟନ୍ତ ପ୍ରେମ ଏବଂ ତତ୍ତ୍ୱପୂର୍ଣ୍ଣ ଢଙ୍ଗରେ ଖାଦ୍ୟ ଖୁଇଲାବାଲାଙ୍କୁ ଉକ୍ତ ପ୍ରସଙ୍ଗକୁ ଦେଖିବା ଉଚିତ୍। ସେହିପରି ଟ୍ରାଫିକ୍ ବିଭାଗ ରହିଛି । ଏଠାରେ ମଧ୍ୟ ବେଳେବେଳେ ଅପ୍ରିତୀକର ପରିବେଶ ସୃଷ୍ଟି ହୋଇଥାଏ ଏବଂ ବିଶେଷ ରୂପେ ଯେତେବେଳେ ପାଗ ଖରାପ ହୋଇଥାଏ ସେତେବେଳେ ଏଠାରେ ଏସଂପର୍କରେ ମଧ୍ୟ ଲୋକମାନଙ୍କୁ ଏବଂ ଯାଆ ଆସ୍ କରୁଥିବା ଅତିଥିମାନଙ୍କୁ ମଧ୍ୟ କହିବି ଯେ, ଆପଣମାନେ ଟ୍ରାଫିକ୍‌ବାଲାଙ୍କୁ ସାହାଯ୍ୟ ଓ ସହଯୋଗ କରନ୍ତୁ । ସେଠାରେ ଉକ୍ତ ବିଭାଗର କର୍ମଚାରୀମାନେ ମଧ୍ୟ ସର୍ବଦା ଉତ୍ତମ ଚରିତ୍ର ପ୍ରଦର୍ଶନ କରନ୍ତୁ ।

ସେହପିର ଜଲ୍‌ସାର ଅନ୍ୟ ବିଭିନ୍ନ ବିଭାଗ ରହିଛି । ପ୍ରତ୍ୟେକଙ୍କୁ ଆଁହଜରତ ସ.ଅଙ୍କ ଆଦେଶାବଳୀ ତଥା ମାର୍ଗଦର୍ଶିକା ଉପରେ କାର୍ଯ୍ୟାନୁସରଣ କରିବା ଉଚିତ୍। କାରଣ ଆପଣମାନେ ସର୍ବଦା ସ୍ମିତହାସ୍ୟ ପ୍ରକାଶ କରୁ ଥାଆନ୍ତୁ । ଅଲ୍ଲାଃତାଲା କରନ୍ତୁ କି ସମସ୍ତ ସ୍ୱେଚ୍ଛାସେବୀ କର୍ମୀମାନେ ଉତ୍ତମ ଢଙ୍ଗରେ ନିଜ ନିଜ ଡିଉଟିକୁ ସଠିକ୍ ରୂପେ ସମ୍ପାଦନ କରନ୍ତୁ ଏବଂ ଜଲ୍‌ସାକୁ ପ୍ରତ୍ୟେକ ଦୃଷ୍ଟିରୁ ଅଲ୍ଲାଃତାଲା ସାଫଲ୍ୟ ମଣ୍ଡିତ କରନ୍ତୁ ଏବଂ ଆମ ସମସ୍ତଙ୍କୁ ଅଲ୍ଲାଃତାଲା ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

☆--☆--☆

**ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି**

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯେଉଁ ବ୍ୟକ୍ତି ଅଲ୍ଲଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

**ବିଗତ ଶୁମାରା 15ର ପୃ 12ରେ ବର୍ଣ୍ଣିତ ହୁଜୁର ଅନୱର୍ ଅ.ବଙ୍କ ଖୁତବା-14-07-23ର ଅବଶିଷ୍ଟାଂଶ........**

ତେଣୁ ମୁଁ ନିଜ ପିତାଶ୍ରୀଙ୍କୁ ଗୋଟିଏ କଡ଼କୁ ନେଇଗଲି ଏବଂ ପଚାରିଲି, ପିତାଶ୍ରୀ! ତୁମେ ଯାହା କହୁଛ ତାହା ବାସ୍ତବରେ ସତ କି ? ପିତାଶ୍ରୀ କହିବାକୁ ଲାଗିଲେ, ପୁତ୍ର! ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ଏହିପରି ହିଁ ଘଟିଛି ଏବଂ ମୁଁ ଯାହାକିଛି କହୁଛି ତାହା ସତ୍ୟ ଅଟେ । ମଦିନାବାସୀଙ୍କୁ ଉକ୍ତ ସୂଚନା ପ୍ରାପ୍ତ ହେବା ମାତ୍ରେ ସେମାନେ ଆଁହଜରତ ସ.ଅଙ୍କ ବିଜିତ ଦଳକୁ ଶ୍ରଦ୍ଧା ସୁମନ ଅର୍ପଣ କରିବା ନିମନ୍ତେ ଏକତ୍ରିତ ହେଲ । ମୁସଲମାନମାନେ ନିଜର ସେହି ବିଜୟ ଯୋଗୁଁ ଆନନ୍ଦିତ ଏବଂ ପ୍ରସନ୍ନ ଥିଲେ । ସେମାନେ ଆଁହଜରତ ସ.ଅଙ୍କ ପ୍ରତ୍ୟାବର୍ତ୍ତନର ଅତ୍ୟନ୍ତ ଅଭିଳାଷୀ ଥିଲେ । ଉକ୍ତ ଯୁଦ୍ଧରେ ସମସ୍ତ ମୁସଲମାନମାନେ ସାମିଲ୍ ହୋଇ ନଥିଲେ । କାରଣ ମଦିନାରୁ ବାହାରିବୋ ସମୟରେ ଯୁଦ୍ଧ ସଂପର୍କରେ ସେମାନେ ଚିନ୍ତା ମଧ୍ୟ କରି ନଥିଲେ । ଆପଣ ସ.ଅଙ୍କ ଆଗମନ କଥା ଶୁଣି କେତେକ ମୁସଲମାନମାନେ ଆପଣ ସ.ଅଙ୍କୁ ସ୍ୱାଗତ ଜଣାଇବା ପାଇଁ ମଦିନା ବାହାରକୁ ଚାଲିଗଲେ । ରୌହା ନାମକ ସ୍ଥାନରେ ସେମାନେ ଆଁହଜରତ ସ.ଅଙ୍କ ସହିତ ସାକ୍ଷାତ୍ କଲେ । ସେମାନଙ୍କର ପ୍ରସନ୍ନତା ଦର୍ଶନୀୟ ଥିଲା । ମଦିନାର ଏହି କେତେକ ଲୋକମାନେ ଆପଣ ସ.ଅଙ୍କୁ କୁଫ୍ଫାର (ଅବିଶ୍ୱାସକାରୀ)ଙ୍କ ଉପେରେ ବିଜୟ ପ୍ରାପ୍ତ କରିଥିବା ହେତୁ ଶୁଭେଚ୍ଛା ଜଣାଇବାକୁ ଲାଗିଲେ । ପୁନଶ୍ଚ ରସୁସଲୁଲ୍ଲାଃ ସ.ଅ ମଦିନା ପ୍ରସ୍ଥାନ କଲେ । ସେଠାରେ ଉପସ୍ଥିତ ଥିବା ସମସ୍ତ ମୁସଲମାନମାନେ ଆପଣ ସ.ଅଙ୍କୁ ସ୍ୱାଗତ ଜଣାଇଲେ । **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ ସ.ଅ, ଭାଗ-6, ପୃ-233-234, ବଜ୍ମେ ଇକ୍‌ବାଲ୍, ଲାହୋର- ଏପ୍ରିଲ୍ ମାସ 2022 ମସିହାରୁ ଉଦ୍ଧୃତ)**

ଉକ୍ତ ଯୁଦ୍ଧରେ ମାଲେ ଗନିମତ୍ ସଂକ୍ରାନ୍ତରେ ଯେଉଁ ଚର୍ଚ୍ଚା ମିଳି ତାହା ଏହିପରି ଯେ, ସେହି ବିଜୟ ଦ୍ୱାରା ମୁସଲମାନମାନଙ୍କୁ ମାଲେ ଗନିମତରୁ 150 ଓଟ ଏବଂ 10ଟି ଅଶ୍ୱ ପ୍ରାପ୍ତ ହେଲା । ଏତଦ୍‌ଭିନ୍ନ ପ୍ରତ୍ୟେକ ପ୍ରକାରର ଜିନିଷ ପତ୍ର, ଅସ୍ତ୍ରଶସ୍ତ୍ର, ବସ୍ତ୍ର ଏବଂ ଅସଂଖ୍ୟ ଚମଡ଼ା, ରଙ୍ଗୀନ୍ ଚମଡ଼ା, ପଶମ ଆଦି ରହିଥିଲା । ଏହିସବୁ ଜିନିଷ ଏବଂ ଦ୍ରବ୍ୟ ପଦାର୍ଥକୁ ଅବିଶ୍ୱାସକାରୀମାନେ ବ୍ୟବସାୟ ନିମନ୍ତେ ନିଜ ସାଥିରେ ଆଣିଥିଲେ । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-252, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍-2002 ମସିହା)**

ରସୁଲ୍ କରୀମ୍ ସ.ଅ ମାଲେ ଗନିମତରୁ ନିଜର ଭାଗ ସାହାବାମାନଙ୍କ ଭାଗ ପରି ଧାର୍ଯ୍ୟ କରିଥିଲେ । ଉକ୍ତ ଯୁଦ୍ଧରୁ ଏକ ଖଡ଼୍‌ଗ ପ୍ରାପ୍ତ ହୋଇଥିଲା ଯାହାକୁ ସାହାବାମାନେ ଆଁହଜରତ ସ.ଅଙ୍କ ପାଇଁ ରଖି ନେଇଥିଲେ ଏବଂ ଅବୁ ଜହଲ୍‌ର ଓଟ ମଧ୍ୟରୁ ଏକ ଓଟ ଆଁହଜରତ ସ.ଅଙ୍କୁ ପ୍ରାପ୍ତ ହୋଇଥିଲା । ଉକ୍ତ ଓଟର ନାକରେ ଏକ ରୁପାର କୁଣ୍ଡଳ ଥିଲା । **(ଗଜ୍‌ୱାତୁନ୍ ନବୀ ସ.ଅ, ଲେଖକ-ମୌଲାନା ଅବୁଲ୍ କଲାମ୍ ଆଜାଦ୍, ପୃ-43-44, ସିଟି ବୁକ୍ ଡିପୋ, କରାଚୀ-2014 ମସିହା)**

ସେହି ଖଡ଼୍‌ଗ ଏବଂ ସେହି ଓଟକୁ ମଧ୍ୟ ଜୀବନୀ ପୁସ୍ତକରେ ଏକ ବିଶେଷ ମର୍ଯ୍ୟାଦା ତଥା ମହତ୍ତ୍ୱ ପ୍ରଦାନ କରାଯାଇଛି । ଏହାର ବିସ୍ତୃତ ବିବରଣୀ ଏହିପରି ଯେ, ଉପରୋକ୍ତରେ ଯେଉଁ ଖଡ଼୍‌ଗର ଚର୍ଚ୍ଚା କରାଯାଇଛି ତାହାର ନାମ ଜୁଲ୍ ଫିକାର୍ ଥିଲା ଏବଂ ତା'ର ମାଲିକ ଜଣେ ମୁସ୍‌ରିକ୍ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରୁଥିବା ବ୍ୟକ୍ତି) ଯାହାର ନାମ ହେଲା, ଆସ୍ ବିନ୍ ମୁନବ୍‌ବିହିୟାହ୍ ବିନ୍ ହୁଜ୍ଜାଜ୍ । ଉକ୍ତ ବ୍ୟକ୍ତି ଜଣକ ବଦର୍ ଯୁଦ୍ଧରେ ମୃତ୍ୟୁବରଣ କରିଥିଲା । କେତେକ ବର୍ଣ୍ଣନାନୁଯାୟୀ ଉକ୍ତ ଖଡ଼୍‌ଗ ଅବୁ ଜହଲ୍‌ର ଥିଲା । ରସୁଲ୍ କରୀମ୍ ସ.ଅ ଉକ୍ତ ଖଡ଼୍‌ଗର ନାମ ଜୁଲ୍ ଫିକାର୍ ବର୍ କରାର୍ ବୋଲି ନାମିତ କରିଥିଲେ । ଜୁଲ୍ ଫିକାର୍‌ର ନାମକରଣ ସଂକ୍ରାନ୍ତରେ  କୁହାଯାଏ ଯେ, ଉକ୍ତ ଖଡ଼୍‌ଗରେ ଦାନ୍ତ ପରି ଧାରି କିମ୍ବା ଖୋଦିତ ରେଖା ରହିଥିଲା । **(ତବ୍‌କାତୁଲ୍ କୁବ୍ରା, ଲିଇବ୍‌ନି ସାଆଦ୍, ଭାଗ-377, ଜିକ୍ରୁ ସୁୟୁଫି ରସୁଲୁଲ୍ଲାଃ ସ.ଅ, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2012 ମସିହା) (ଉର୍ଦ୍ଦୁ ଦାଏରାହ୍ ମାଆରିଫ୍ ଇସଲାମମିୟାହ୍, ଭାଗ-10, ପୃ-46, ପଞ୍ଜାବ ବିଶ୍ୱବିଦ୍ୟାଳୟ, ଲାହୋର) (ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-254, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍-2002 ମସିହା)**

ଉକ୍ତ ଖଡ଼୍‌ଗ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ଉକ୍ତ ଖଡ଼୍‌ଗଟି ପରବର୍ତ୍ତୀ ସମୟରେ ନବୀ କରୀମ୍ ସ.ଅଙ୍କ ଠାରୁ ପୃଥକ ହୋଇ ନଥିଲା । ଆଁହଜରତ ସ.ଅ ଯୁଦ୍ଧ ସମୟରେ ଉକ୍ତ ଖଡ଼୍‌ଗ ନିଜ ପାଖରେ ରଖିଥିଲେ । ଆପଣ ସ.ଅଙ୍କ ପରେ ଉକ୍ତ ଖଡ଼୍‌ଗ ଅବ୍‌ବାସି ଖଲିଫାମାନଙ୍କ ନିକଟରେ ରହିଥିଲା । **(ଶର୍‌ହୁଜ୍ ଜର୍କାନୀ, ଭାଗ-5, ପୃ-85-87, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍)**

ସେହିପରି ଆଁହଜରତ ସ.ଅଙ୍କୁ ଅବୁ ଜହଲ୍‌ର ଯେଉଁ ଓଟ ମାଲେ ଗନିମତ୍ ସ୍ୱରୂପ ପ୍ରାପ୍ତ ହୋଇଥିଲା ତାହା ନବୀ କରୀମ୍ ସ.ଅଙ୍କ ନିକଟରେ ରହିଥିଲା । ଏପର୍ଯ୍ୟନ୍ତକି ସୁଲାହ୍ ହୁଦୈବିୟାହ୍ ଅବସରରେ ରସୁଲ୍ କରୀମ୍ ସ.ଅ ସେହି ଖଡ଼୍‌ଗକୁ ବଳିଦାନ ସ୍ୱରୂପେ ନେଇ ଯାଇଥିଲେ । ତତ୍‌ସମ୍ବନ୍ଧରେ ଏକ ଘଟଣା ମଧ୍ୟ ରହିଛି ଯେ, ଉକ୍ତ ଓଟଟି ହୁଦୈବିୟା ନାମକ ସ୍ଥାନରେ ଚରୁଥିଲା (ଘାସ ଖାଉଥିଲା) କି ହଠାତ୍ ତାହା ପଳାୟନ କଲା । ଏପର୍ଯ୍ୟନ୍ତକି ଉକ୍ତ ଓଟଟି ମକ୍କାର ଅବୁ ଜହଲ୍‌ର ଘରେ ଯାଇ ପହଞ୍ଚିଗଲା । ହ. ଅମ୍ର ବିନ୍  ଅନମହା ଅନ୍‌ସାରୀ ର.ଅ ତା' ପଛରେ ବାହାରିଲେ। କାରଣ ତଥାପି ମକ୍କାର କିଛି ଖଳ ପ୍ରକୃତିର ଲୋକମାନେ ତାହାକୁ ( ସେହି ଓଟକୁ) ଫେରାଇବାକୁ ପ୍ରତ୍ୟାଖ୍ୟାନ କରିଦେଲେ । ସୁହୈଲ୍ ବିନ୍ ଅମ୍ର ଯିଏ ହୁଦୈବିୟାହ୍ ଚୁକ୍ତି ମସୟରେ କୁରୈଶ୍‌ର ପ୍ରତିନିଧି ଥିଲା ସେ ସେହି ଲୋକମାନଙ୍କୁ  ସେହି ଓଟ ଫେରାଇବାର ଆଦେଶ ଦେଲା ତେବେଯାଇ ଓଟ ଫେରସ୍ତ କରାଗଲା । ସେ ସେହି ଲୋକମାନଙ୍କୁ କହିଲା କି ତୁମେ ଏହା ବଦଳରେ 100 ଓଟ ଉପସ୍ଥାପିତ କର। ମୁସଲମାନମାନେ ଯଦି ଏହାକୁ ସ୍ୱୀକାର କରି ନିଅନ୍ତି ତାହାହେଲେ ଭଲ କଥା ଅନ୍ୟଥା ଓଟଟି ଫେରସ୍ତ କରିଦେବ । ରସୁଲୁଲ୍ଲାଃ ସ.ଅ କହିଲେ, ଆମେମାନେ ଯଦି ଉକ୍ତ ଓଟକୁ କୁର୍ବାନୀର ଜୀବମାନଙ୍କ ମଧ୍ୟରେ ଗଣ୍ୟ ନକରିଥାଆନ୍ତୁ ତାହାହେଲେ ଆମେମାନେ ତାହାକୁ ଫେରସ୍ତ କରିଦେଇ ଥାଆନ୍ତୁ । କିନ୍ତୁ ଉକ୍ତ ଜୀବଟି ପୂର୍ବରୁ ହିଁ କୁର୍ବାନୀ (ଜେବହ୍) ହେବା ନିମନ୍ତେ ନିର୍ଦ୍ଧାରିତ ହୋଇସାରିଛି । ଅତଃ ଏବେ ଆଉ ଉକ୍ତ ଜୀବଟିକୁ ଆମେ ଦେଇ ପାରିବୁ ନାହିଁ । ସୁତରାଂ ଆପଣ ସ.ଅ ମୁସଲମାନମାନଙ୍କ ପକ୍ଷରୁ ସେହି ଓଟକୁ ଜେବହ୍ କରିଦେଲେ । **(ସବ୍‌ଲୁଲ୍ ହୁଦା, ଭାଗ-5, ପୃ-57, ପ୍ରକାଶନ ସ୍ଥାନ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1993 ମସିହା) (ସବ୍‌ଲୁଲ୍ ହୁଦାର ଅନୁବାଦକ, ଭାଗ-5, ପୃ-82-83, ପ୍ରକାଶନ ସ୍ଥାନ-ଜୱିୟାହ୍ ହକ୍ଲିଶର୍ସ ଲାହୋର) (ଗଜ୍‌ୱାତୁନ୍ ନବୀ ସ.ଅ, ଲେଖକ-ଅଲ୍ଲାମା ହଲବି, ଉର୍ଦ୍ଦୁ ଅନୁବାଦକ, ପୃ-429, ଦାରୁଲ୍ ଇଶାଅତ୍ କରାଚୀ)**

ମାଲେ ଗନିମତ୍‌ର ବଣ୍ଟନ ବେଳେ ଆପଣ ସ.ଅ ବଦର୍ ଯୁଦ୍ଧରେ ସାମିଲ ହୋଇଥିବା ଶୋହଦାମାନଙ୍କର ଉତ୍ତରାଧିକାରୀଙ୍କୁ ଏକ ଅଂଶ ପ୍ରଦାନ କଲେ। ସେହିପରି ଯେଉଁ ନାଏବ୍‌ମାନେ ରହିଥିଲେ ସେମାନଙ୍କୁ ମଦିନାରେ ନିଯୁକ୍ତ କରାଯାଇଥିଲା କିମ୍ବା କେତେକ ସାହାବାମାନେ ଯେଉଁମାନଙ୍କ ଉପରେ ବିଭିନ୍ନ ଡ଼ିଉଟି (ଦାୟିତ୍ୱ) ନ୍ୟସ୍ତ ହୋଇଥିଲା ଏବଂ ସେମାନେ ସେହି କାରଣରୁ ବଦର୍ ଯୁଦ୍ଧରେ ସାମିଲ୍ ହୋଇପାରି ନଥିଲେ ସେମାନଙ୍କୁ ମଧ୍ୟ ଆପଣ ସ.ଅ ଭାଗ ପ୍ରଦାନ କରିଥିଲେ । **(ଗଜ୍‌ୱାତୁନ୍ ନବୀ ସ.ଅ, ଲେଖକ- ଅଲ୍ଲାମା ହଲବି, ଉର୍ଦ୍ଦୁ ଅନୁବାଦକ, ପୃ-143-144,  ଦାରୁଲ୍  ଇଶାଅତ୍  କରାଚୀ)**

ବଦର୍ ଯୁଦ୍ଧରେ କଏଦୀମାନଙ୍କ ଠାରୁ ଫିଦିୟା ଏବଂ ସାହାବାମାନଙ୍କର ପରାମର୍ଶ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ବଦର୍ ଯୁଦ୍ଧରେ ସେହି ବନ୍ଦୀମାନଙ୍କୁ ଫିଦିୟା ନେଇ ମୁକ୍ତ କରିଦିଆଗଲା । ଫିଦିୟାର ଅର୍ଥ ପରିମାଣ ଚାରି ହେସା ଦିରହମ୍  ପର୍ଯ୍ୟନ୍ତ ଥିଲା । କିନ୍ତୁ ଯେଉଁମାନେ ଫିଦିୟାର ଟଙ୍କା ଦେଇପାରୁ ନଥିଲେ ସେମାନଙ୍କ ନିମନ୍ତେ ଏହି ସର୍ତ୍ତ ରହିଥିଲା ଯେ, ସେମାନେ ଯଦି ମଦିନାର ପିଲାମାନଙ୍କୁ ଲେଖା ପଢା ଶିଖାଇ ଦିଅନ୍ତି ତାହାଲେ ସେମାନଙ୍କୁ ମୁକ୍ତ କରିଦିଆଯିବ । ସେହିପରି କେତେକ ବନ୍ଦୀମାନଙ୍କୁ କମ୍ ଫଦିୟା କିମ୍ବା ବିନା ଫିଦିୟାରେ ମଧ୍ୟ ଛାଡ଼ି ଦିଆଗଲା। **(ସିରତ୍ ଖତାମୁଲ୍ ନବିୟିନ୍, ଲେଖକ- ହ. ମିର୍ଜା ବଶୀର୍ ଅହେମଦି ସାହେବ ଏମ୍.ଏ ର.ଅ, ପୃ-368-369ରୁ ଉଦ୍ଧୃତ)**

ଫିଦିୟା ସଂପର୍କରେ ଯେଉଁ ବର୍ଣ୍ଣନା ରହିଛି ତାହା ବିଭିନ୍ନ ପ୍ରକାରର ବର୍ଣ୍ଣନା ଅଟେ। କେତେକ ବର୍ଣ୍ଣନା ବଡ଼ ବିଚିତ୍ର ପ୍ରକାରର ସନ୍ଦେହ ସୃଷ୍ଟି କରନ୍ତି । ତତ୍‌ସମ୍ବନ୍ଧରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ସମାଧାନ ବାହାର କରିଛନ୍ତି । ସେ ଯାହା ହେଉ ପ୍ରଥମେ ସମସ୍ତ ବର୍ଣ୍ଣନାଗୁଡ଼ିକୁ ବର୍ଣ୍ଣନା କରିଦେଉଛି । ଇତିହାସ୍ ଏବଂ ଜୀବନୀ ପୁସ୍ତକରେ ଏପର୍ଯ୍ୟନ୍ତକି ହଦିସ୍‌ର ପୁସ୍ତକମାନଙ୍କରେ ବଦର୍ ଯୁଦ୍ଧର ବନ୍ଦୀମାନଙ୍କ ଠାରୁ ଫିଦିୟା ନେବା ସଂପର୍କରେ ଯେଉଁ ବର୍ଣ୍ଣନା ଉପସ୍ଥିତ ରହିଛି ତନ୍ମଧ୍ୟରେ ବର୍ଣ୍ଣନା ପରସ୍ପର ସହିତ ମିଶିଯାଇଛି । ବାସ୍ତବତା ଏହିକି ଯେ, ଆଁହଜରତ ସ.ଅ ଫିଦିୟା ନେବାର ଯେଉଁ ନିଷ୍ପତ୍ତି ନେଇଥିଲେ ତାହା ଐଶୀ ଉଦ୍ଦେଶ୍ୟାନୁଯାୟୀ ଥିଲା । ସାମୂହିକ ବର୍ଣ୍ଣନାନୁଯାୟୀ ଯେପିରିକ ମୁଁ ପୂର୍ବେ ହ. ଉମର୍ ର.ଅଙ୍କ ସଂପର୍କରେ ବର୍ଣ୍ଣନା କରିସାରିଛି, ଏଠାରେ ମଧ୍ୟ ତାହାକୁ ବର୍ଣ୍ଣନା କରିବା ଜରୁରୀ ଅଟେ । ଅତଃ ସେହି ବର୍ଣ୍ଣନାଗୁଡ଼ିକୁ ବର୍ଣ୍ଣନା କରିଦେଉଛି । ହ. ଇବ୍‌ନେ ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ,  ସେ ଯେତେବେଳେ ବନ୍ଦୀମାନଙ୍କୁ ଧରିଲେ ଅର୍ଥାତ୍ ବଦର୍ ଯୁଦ୍ଧ ଅବସରରେ ମୁସଲମାନମାନେ ବନ୍ଦୀମାନଙ୍କୁ ଧରିଲେ ସେତେବେଳେ ରସୁଲ୍ କରୀମ୍ ସ.ଅ ହ. ଅବୁ ବକର ର.ଅ ଓ ହ. ଉମର୍ ର.ଅ କହିଲେ, ସେହି ବନ୍ଦୀମାନଙ୍କ ସଂପର୍କରେ ତୁମମାନଙ୍କର କ'ଣ ମତାମତ ରହିଛି ? ହ. ଅବୁ ବକର ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେମାନେ ଆମର ଚଚା ପୁଅ ଭାଇ ଏବଂ ସଂପର୍କୀୟ ଅଟନ୍ତି। ମୋ ମତରେ ଆପଣ ସ.ଅ ସେମାନଙ୍କ ଠାରୁ ଫିଦିୟା ନେଇ ନିଅନ୍ତୁ । ତାହା (ଫିଦିୟା) ଆମମାନଙ୍କ ନିମନ୍ତେ ସେହି ଅବିଶ୍ୱାସକାରୀମାନଙ୍କ ବିପକ୍ଷରେ ଶକ୍ତିର କାରଣ ହେବ । ଏହା ଖୁବ୍ ନିକଟବର୍ତ୍ତୀ ଯେ, ଅଲ୍ଲାଃତାଲା ସେମାନଙ୍କୁ ଇସ୍‌ଲାମ୍ ଧର୍ମ ଆଡ଼କୁ ମାର୍ଗଦର୍ଶନ କରିଦେବେ । ରସୁଲୁଲ୍ଲାଃ ସ.ଅ କହିଲେ, ହେ ଇବ୍‌ନେ ଖତ୍ତାବ (ଅର୍ଥାତ୍ ହ. ଉମର୍ ର.ଅଙ୍କୁ) ! ତୁମର କ'ଣ ମତାମତ ରହିଛି ? ହ. ଉମର୍ ର.ଅ କହିଲେ, ନା  ହେ ଅଲ୍ଲାଃଙ୍କ ବାର୍ତ୍ତାବହ !  ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ହ. ଅବୁ ବକର ର.ଅଙ୍କ ଯାହା ମତାମତ ରହିଛି ମୋର (ମତାମତ) ତାହା ନୁହେଁ । ବରଂ ମୋର ଏହି ମତାମତ ରହିଛି ଯେ, ଆପଣ ସ.ଅ ସେହି ବନ୍ଦୀମାନଙ୍କୁ ଆମମାନଙ୍କୁ ହସ୍ତାନ୍ତର କରି ଦିଅନ୍ତୁ । ଆମେ ସେମାନଙ୍କର ସ୍କନ୍ଧଚ୍ୟୁତ କରିଦେବୁ । ସେମାନଙ୍କୁ ବୀଭତ୍ସ ଭାବରେ ବଧ କରିଦେବୂ । ହ. ଅଲୀଙ୍କୁ ଅକିଲ୍‌କୁ ହସ୍ତାନ୍ତର କରିଦିଅନ୍ତୁ । କାରଣ ସେ ଅକିଲ୍‌ର ସ୍କନ୍ଧଚ୍ୟୁତ କରିଦେବେ ଓ ମୋତେ ଅମକ କଏଦୀ ହସ୍ତାନ୍ତର

କରି ଦିଅନ୍ତୁ ଯିଏ ହ. ଉମର୍ ର.ଅଙ୍କ ସଂପର୍କୀୟ ଥିଲା ତେବେ ମୁଁ ସେହି ବ୍ୟକ୍ତିର ସ୍କନ୍ଧଚ୍ୟୁତ କରିଦେବି । କାରଣ ଏମାନେ ସମସ୍ତେ ଅବିଶ୍ୱସାକାରୀମାନଙ୍କର ନେତା ତଥା ଅଧିପତି ଅଟନ୍ତି । ହ. ଉମର ର.ଅ କୁହନ୍ତି: "ପରବର୍ତ୍ତୀ ଦିନ ମୁଁ ଯେତେବେଳେ ଆସିଲି ସେତେବେଳେ ରସୁଲୁଲ୍ଲାଃ ସ.ଅ ଓ ହ. ଅବୁ ବକର ର.ଅ ବସି କାନ୍ଦୁଥିଲେ। ମୁଁ କହିଲି, ହେ ଅଲ୍ଲାଙ୍କ ବାର୍ତ୍ତାବହ ! ମୋତେ କୁହନ୍ତୁ ଯେ, କେଉଁ ବସ୍ତୁ ଆପଣ ସ.ଅଙ୍କୁ ଆପଣ ସ.ଅଙ୍କ ସାଥିମାନଙ୍କୁ କନ୍ଦାଇଛି । ମୋତେ ଯଦି କାନ୍ଦ ମାଡ଼ିଲା ତେବେ ମୁଁ ମଧ କାନ୍ଦିବି । ମୁଁ ଆପଣ ଦୁହିଁଙ୍କ ପରି କାନ୍ଦିବା ଭଳି ମୁହଁ କରିନେବି । ରସୁଲୁଲ୍ଲାଃ ସ.ଅ କହିଲେ, ହେ ଉମର୍ ! ମୋ କାନ୍ଦିବାର କାରଣ ଏହିକି ଯେ, ତୁମର ସାଥିମାନେ ମୋ ସମ୍ମୁଖରେ ବନ୍ଦୀମାନଙ୍କ ଠାରୁ ଫିଦିୟା ନେବା ନିମନ୍ତେ ପ୍ରସ୍ତାବ ଉପସ୍ଥାପିତ କରିଥିଲେ । ତେଣୁ ମୋ ସମ୍ମୁଖରେ ସେମାନଙ୍କର ଶାସ୍ତି ସେହି ବୃକ୍ଷ ଠାରୁ ଅଧିକ ନିକଟବର୍ତ୍ତୀ ରୂପେ ଉପସ୍ଥାପିତ କରାଯାଇଛି । ଅର୍ଥାତ୍ ଯେଉଁ ବୃକ୍ଷ ଈଶ୍ୱରଙ୍କ ବାର୍ତ୍ତାବହ ସ.ଅଙ୍କ ନିକଟବର୍ତ୍ତୀ ଥିଲା ଏବଂ ଅଲ୍ଲାଃତାଲା ଉକ୍ତ ଆୟତ୍ ଅବତୀର୍ଣ୍ଣ କଲେ, مَا كَانَ لِنَبِيٍّ اَنْ يَّكُوْنَ لَهٗۤ اَسْرٰى حَتّٰى يُثْخِنَ فِي الْاَرْضِ **(ଅଲ୍ ଅନଫାଲ୍: 68)** ଅର୍ଥାତ୍ ଦେଶରେ ରକ୍ତପାତ ନହେବା ପର୍ଯ୍ୟନ୍ତ ନବୀଙ୍କ ପକ୍ଷରେ କାହାରିକୁ ବନ୍ଦୀ କରି ରଖିବା ଶୋଭନୀୟ ନୁହେଁ । ଯଦି ତୁମ୍ଭେ ବିନା ଯୁଦ୍ଧରେ କାହାରିକୁ ବନ୍ଦୀ କରି ରଖ ତେବେ ତୁମେମାନେ ପାର୍ଥିବ କାମନା କରୁଥିବାର ଜଣାଯିବ । ଅଥଚ ଅଲ୍ଲାଃତାଲା ତୁମମାନଙ୍କ ପଇଁ ପରକାଳର ବିଭବ କାମନା କରୁଛନ୍ତି ଏବଂ ଅଲ୍ଲାଃତାଲା ହିଁ ପରାକ୍ରମୀ ଓ ତତ୍ତ୍ୱଜ୍ଞ ।" ଅଲ୍ଲାଃତାଲା ପୁନଶ୍ଚ ପରବର୍ତ୍ତୀ ଆୟତ୍‌ରେ କୁହନ୍ତି: فَكُلُوْا مِمَّا غَنِمْتُمْ حَلٰلًا طَيِّبًا **(ଅଲ୍ ଅନ୍‌ଫାଲ୍:70)**ଅନୁବାଦ- ସୁତରାଂ ମୁକ୍ତି ମୂଲ୍ୟ ସଂକ୍ରାନ୍ତରେ ଆଦେଶ ଆସିଯାଇ ଥିବାରୁ ତୁମମାନଙ୍କୁ ଯୁଦ୍ଧରୁ ଯାହା ସମ୍ପଦ ମିଳିଅଛି ଏବଂ ଅଲ୍ଲାଃତାଲାଙ୍କ ଆଦେଶ ଅନୁଯାୟୀ ଯାହାକିଛି ବୈଧ ଓ ବିଶୁଦ୍ଧ ତନ୍ମଧ୍ୟରୁ ଭୋଗ (ସେବନ) କର ଏବଂ ଅଲ୍ଲାଃତାଲାଙ୍କୁ ଭୟ କର । ଅଲ୍ଲାଃତାଲା ହିଁ ଅତ୍ୟନ୍ତ କ୍ଷମାଶୀଳ ଓ ସଦା କରୁଣାମୟ । **(ସହି ମୁସ୍‌ଲିମ୍, କିତାବୁଲ୍ ଜିହାଦ୍ ୱସ୍ ସୈର୍, ବାବୁଲ୍ ଇମ୍‌ଦାଦ୍ ବିଲ୍ ମଲାଇକତି ଫି ଗଜ୍‌ୱତି ବଦର୍, ୱ ଅବାହତୁଲ୍ ଗନାଇମି, ହଦିସ୍ ନଂ-4588)**

ଉକ୍ତ ହଦିସ୍‌ର ପ୍ରାରମ୍ଭିକ ଯେଉଁ ଶବ୍ଦ ରହିଛି ଯେ, ଆଁହଜରତ ସ.ଅ ଓ ହ. ଅବୁ ବକର ର.ଅ କାନ୍ଦୁଥିଲେ । ପୁନଶ୍ଚ ଆଗକୁ ଯେଉଁ କୁରଆନୀୟ ଆୟତ୍ ରହିଛି ତହିଁରେ ଯେଉଁ ବିଷୟ ବସ୍ତୁ ବର୍ଣ୍ଣିତ ହୋଇଛି ତାହା ଉକ୍ତ ବର୍ଣ୍ଣନାକୁ ଭ୍ରମିତ ପରି କରି ଦେଇଥାଏ । ଜଣାପଡୁ ନାହିଁ ଯେ, କ'ଣ କୁହାଯାଉଛି ? କଥାଟା ସ୍ପଷ୍ଟ ହେଉ ନାହିଁ। ସେ ଯାହା ହେଉ ନା କାହିଁକି ଉକ୍ତ ବର୍ଣ୍ଣନାକୁ ସଠିକ୍ ରୂପେ ବୁଝି ଇତିହାସ ତଥା ଜିବୀନୀର ଅନେକ ପୁସ୍ତକଗୁଡ଼ିକରେ ଓ ବ୍ୟାଖ୍ୟାକାରମାନେ ବର୍ଣ୍ଣନା କରିଛନ୍ତି ଯେ, ଅଲ୍ଲାଃତାଲା ବଦର୍ ଯୁଦ୍ଧର ବନ୍ଦୀମାନଙ୍କ ଠାରୁ ଫିଦିୟା ନେବାର ନିଷ୍ପତ୍ତି ଉପରେ ଅସନ୍ତୁଷ୍ଟ ଭାବ ପ୍ରକାଶ କଲେ ଏବଂ ହ. ଉମର୍ ର.ଅଙ୍କ ମତକୁ ପସନ୍ଦ କଲେ ।

ହ. ଉମର୍ ର.ଅଙ୍କ ଉପରେ ଜୀବନୀ ଲେଖିଥିବା ଲେଖକମାନେ ଯେତେବେଳେ ଅନ୍ୟ ଅଧ୍ୟାୟ ଲେଖନ୍ତି ସେତେବେଳେ ହ. ଉମର୍ ର.ଅଙ୍କ ରାୟ ଉପରେ ପବିତ୍ର କୁରଆନ୍ କରୀମ୍‌ର କେଉଁ କେଉଁ ଆୟତ୍ ଅବତୀର୍ଣ୍ଣ ହେଲା ତନ୍ମଧ୍ୟରୁ ଏକ ଆୟତ୍ ଏହା ମଧ ଉଲ୍ଲେଖ କରାଯାଏ ଯେ, ବଦର୍ ଯୁଦ୍ଧର ବନ୍ଦୀମାନଙ୍କ ସଂକ୍ରାନ୍ତରେ ହ. ଉମର୍ ର.ଅଙ୍କ ରାୟକୁ ଅଲ୍ଲାଃତାଲା ଅଗ୍ରାଧିକାର ପ୍ରଦାନ କଲେ । କିନ୍ତୁ ଏହା ଭ୍ରମାତ୍ମକ କଥା ଅଟେ । ଏହାକୁ କେହି ବୁଝିପାରୁ ନାହିଁ ଯେ, ଜିବନୀ ଲେଖକ ଓ ବ୍ୟାଖ୍ୟାକାରମାଙ୍କୁ ଏହାକୁ ବୁଝିବାରେ ଭ୍ରମର ଶିକାର ହୋଇଛନ୍ତି । ସେ ଯାହା ହେଉ ହ. ମୁସ୍‌ଲେହ୍ ମଉଦ୍ ର.ଅ ଏହାର ସ୍ପଷ୍ଟୀକରଣ ସଂପର୍କରେ ବର୍ଣ୍ଣନା କରନ୍ତି । ତାହା ଆପଣ ର.ଅଙ୍କ ଅପ୍ରକାଶିତ ବ୍ୟାଖ୍ୟାତ୍ମକ ନୋଟ୍‌ରୁ ପାଠୋଦ୍ଧାର ହୋଇଅଛି ଯାହାକି ତା'ର ବ୍ୟାଖ୍ୟା କରୁଛି ଏବଂ ସେହି ବର୍ଣ୍ଣନାମାନଙ୍କର ଖଣ୍ଡନ କରୁଛି । ସୁତରାଂ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କର ଉକ୍ତ ସ୍ପଷ୍ଟୀକରଣ ହିଁ ସଠିକ୍ ବୋଲି ମନେହେଉଛି। ଏପରି ମନେ ହେଉଛି ଯେ, କେତେକ ବ୍ୟାଖ୍ୟାକାରୀମାନେ ଅକାରଣରେ ହ. ଉମର୍ ର.ଅଙ୍କ ମର୍ଯ୍ୟାଦାକୁ ଉଚ୍ଚ କରିବା ନିମନ୍ତେ ଉକ୍ତ ବର୍ଣ୍ଣନାଟିକୁ ଗଢିଛନ୍ତି କିମ୍ବା ଏହାକୁ ଭୁଲ୍ ବୋଲି ମନେକରାଯାଇଛି । ସେ ଯାହା ହେଉ ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାଃ ଅନଫାଲ୍‌ର ଆୟତ୍ ନଂ ୬୮ରେ ବ୍ୟାଖ୍ୟା କରି କୁହନ୍ତି: "ଇସ୍‌ଲାମ୍ ଧର୍ମ ପୂର୍ବରୁ ଆରବରେ ଏହି ପ୍ରଥା ରହି ଆସିଥିଲା ଏବଂ ଆପଣ ର.ଅ ଉଲ୍ଲେଖ କରନ୍ତି ଯେ, ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ସଂସାରର କେତେକ ପ୍ରାନ୍ତରେ ଏପର୍ଯ୍ୟନ୍ତ ଏହି ପ୍ରଥା ରହି ଆସିଛି ଯେ, ଯଦି ଯୁଦ୍ଧ ନ ବି ହୁଏ ତେବେ ମଧ ଅନ୍ୟ ସୈନ୍ୟବାହିନୀର ସୈନିକକୁ ଧରି ନିଅନ୍ତି ଏବଂ ସେମାନଙ୍କୁ ଦାସ କରି ନିଅନ୍ତି । ଏହା ସେହି କାଳର କଥା ଯେତେବେଳେ ହ. ମୁସଲେହ୍ ମଉଦ୍ ର.ଅ ଉକ୍ତ ନୋଟ୍ ଉଲ୍ଲେଖ କରିଥିଲେ । ଉକ୍ତ ଆୟତ୍‌ଟି ସେହି ନିକୃଷ୍ଟ ପ୍ରଥାକୁ ସମାପ୍ତ କରେ ଏବଂ ସ୍ପଷ୍ଟ ଶବ୍ଦରେ ଆଦେଶ ଦିଏ ଯେ, କେବଳ ଯୁଦ୍ଧାବସ୍ଥାରେ ଓ ଯୁଦ୍ଧ ପରେ ହିଁ ଶତ୍ରୁ ପକ୍ଷର ସୈନିକମାନଙ୍କୁ ବନ୍ଦୀ କରାଯାଇ ପାରିବ । ଯଦି ଯୁଦ୍ଧ ନହୁଏ ତେବେ କୌଣସି ବ୍ୟକ୍ତିକୁ ବନ୍ଦୀ କରିବା ଅବୈଧ ଅଟେ । ଉକ୍ତ ଆୟତ୍‌ର ଅତ୍ୟନ୍ତ ଭୁଲ୍ ଓ ବିକୃତ ବ୍ୟାଖ୍ୟା କରାଯାଇଛି । ଆପଣ ର.ଅ କୁହନ୍ତି : "ଯେତେବେଳେ ମୁସଲମାନମାନେ ବଦର୍ ଯୁଦ୍ଧ ଅବସରରେ ମକ୍କାର କେତେକ ବନ୍ଦୀମାନଙ୍କୁ ଧରିନେଲେ ସେତେବେଳେ ଆଁହଜରତ ସ.ଅ ସାହାବାମାନଙ୍କ ସହିତ ପରାମର୍ଶ କଲେ ଯେ, ସେହି ବନ୍ଦୀ ହୋଇଥିବା ସୈନିକମାନଙ୍କ ସହିତ କିପରି ବ୍ୟବହାର ପ୍ରଦର୍ଶନ କରିବା ଉଚିତ୍ ? ହ. ଉମର୍ ର.ଅଙ୍କ ରାୟ ଏହା ଥିଲା ଯେ, ସେମାନଙ୍କୁ ବଧ କରିଦିଆଯିବା ଉଚିତ୍। ଅପର ପକ୍ଷେ ହ. ଅବୁ ବକ୍କର ର.ଅଙ୍କ ଏହି ମତାମତ ରିହଥିଲା ଯେ, ଫିଦିୟା ନେଇ ବନ୍ଦୀମାନଙ୍କୁ ଛାଡ଼ି ଦିଆଯାଉ । ଆଁହଜରତ ସ.ଅ ହ. ଅବୁ ବକ୍କର ର.ଅଙ୍କ ମତକୁ ସ୍ୱୀକାର କଲେ ଏବଂ ଉକ୍ତ ଆୟତ୍‌ଟି ସୁରାଃ ଅନ୍‌ଫାଲ୍‌ର ୬୮ ନଂ ଆୟତ୍ ଅଟେ। ଉକ୍ତ ଆୟତ୍‌ରେ ଏହା ରହିଛି ଅର୍ଥାତ୍ ଦେଶରେ ରକ୍ତପାତ ନହେବା ପର୍ଯ୍ୟନ୍ତ ନବୀଙ୍କ ପକ୍ଷରେ କାହାରିକୁ ବନ୍ଦୀ କରି ରଖିବା ଶୋଭନୀୟ ନୁହେଁ । ସେ ଯାହା ହେଉ ହ. ମୁସ୍‌ଲେହ୍ ମଉଦ୍ ର.ଅ ସେହି ଆୟତ୍‌ର ସ୍ପଷ୍ଟୀକରଣ ତଥା ବ୍ୟାଖ୍ୟା କରି କୁହନ୍ତି ଯେ, ଯେଉଁ ପରାମର୍ଶ ନିଆଯାଇଥିଲା ତହିଁରେ ତ' ହ. ଅବୁ ବକ୍କର ର.ଅଙ୍କ ମତାମତ ଭିନ୍ନ ଥିଲା ଓ ହ. ଉମର୍ ର.ଅଙ୍କ ମତାମତ ଭିନ୍ନ । ଆଁହଜରତ ସ.ଅ ହ. ଅବୁ ବକ୍କର ର.ଅଙ୍କ ମତକୁ ପସନ୍ଦ କଲେ ଏବଂ ଫିଦିୟା ନେଇ ବନ୍ଦୀମାନଙ୍କୁ ମୁକ୍ତ କରିଦେଲେ । କିନ୍ତୁ ବ୍ୟାଖ୍ୟାକାରୀମାନେ କୁହନ୍ତି ଯେ, ଯେତେବେଳେ ଉକ୍ତ ଆୟତ୍ ଅବତୀର୍ଣ୍ଣ ହେଲା ସେତେବେଳେ ଅଲ୍ଲାଃତାଲା ଆଁହଜରତ୍ ସ.ଅଙ୍କ ଏହି କାର୍ଯ୍ୟକୁ ନାପସନ୍ଦ କଲେ । କେବଳ ହ. ଉମର୍ ର.ଅଙ୍କ କଥାକୁ ଗୁରୁତ୍ୱ ଦେବା ନିମନ୍ତେ ଉକ୍ତ ବର୍ଣ୍ଣନାଟି ରଚନା କରାଗଲା ଏବଂ ଏହା ଦ୍ୱାରା ଆଁହଜରତ ସ.ଅଙ୍କ ମର୍ଯ୍ୟାଦା ନ୍ୟୁନ ହେଉ ନା କାହିଁକି । ସେ ଯାହା ହେଉ ନା କାହିଁକି ବ୍ୟାଖ୍ୟାକାରୀମାନେ କୁହନ୍ତି, ଆଁହଜରତ ସ.ଅଙ୍କ କାର୍ଯ୍ୟକୁ ଅଲ୍ଲାଃତାଲା ନାପସନ୍ଦ କଲେ । ବନ୍ଦୀମାନଙ୍କୁ ବଧ କରିଦେବା ଉଚିତ୍ ଥିଲା ଏବଂ ଫିଦୟା ନେବା ଉଚିତ୍ ନଥିଲା । ଉକ୍ତ ବ୍ୟାଖ୍ୟାଟି ତିବ୍ରୀର ଅଟେ ।"

ହ. ମୁସ୍‌ଲେହ୍ ମଉଦ୍ ର.ଅ ଉଲ୍ଲେଖ କରନ୍ତି: "ଉକ୍ତ ତଫ୍‌ସିର୍ (ବ୍ୟାଖ୍ୟା) ଭୁଲ୍ (ପ୍ରମାଦପୂର୍ଣ୍ଣ) ଅଟେ । **ପ୍ରଥମତଃ-** ଅଲ୍ଲାଃତାଲେ ସେତେବେଳେ ଏପରି କୌଣସି ଆଦେଶ ଅବତୀର୍ଣ୍ଣ କରି ନଥିଲେ ଯେ, ବନ୍ଦୀମାନଙ୍କ ଠାରୁ ଫିଦିୟା ନେଇ ସେମାନଙ୍କୁ ମୁକ୍ତ କରା ନଯାଉ । ତେଣୁ ଫିଦିୟା ଗ୍ରହଣ କରିବା ହେତୁ ଆଁହଜରତ ସ.ଅଙ୍କ ଉପରେ କୌଣସି ଦୋଷାରୋପଣ କରାଯାଇ ପାରିବ ନାହିଁ । **ଦ୍ୱିତୀୟତଃ-** ଏହା ପୂର୍ବରୁ ଆଁହଜରତ ସ.ଅ ନଖ୍‌ଲା ସ୍ଥାନରେ ଦୁଇ ଜଣ ବ୍ୟକ୍ତିଙ୍କ ଠାରୁ ଫିଦିୟା ନେଇ ସେମାନଙ୍କୁ ଛାଡ଼ି ଦେଇଥିଲେ ଏବଂ ଅଲ୍ଲାଃତାଲା ଆପଣ ସ.ଅଙ୍କର ଏତାଦୃଶ କାର୍ଯ୍ୟ ବା ଆଚରଣକୁ ନାପସନ୍ଦ କରି ନଥିଲେ । **ତୃତୀୟତଃ-** କେବଳ ଦୁଇଟି ଆୟତ୍ ଏବଂ ଆଗକୁ ଯାଇ ଅଲ୍ଲାଃତାଲା ମୁସଲମାନମାନଙ୍କୁ ଅନୁମତି ପ୍ରଦାନ କରୁଛନ୍ତି ଯେ, ମାଲେ ଗନିମତରୁ ତୁମମାନଙ୍କୁ ଯାହା ପ୍ରାପ୍ତ ହେବ ତାହାକୁ ତୁମେମାନେ ସେବନ କର । କାରଣ ତାହା ତୁମମାନଙ୍କ ପକ୍ଷେ ବୈଧ ଏବଂ ପବିତ୍ର ଅଟେ । ଏକଥା କୌଣସି ବ୍ୟକ୍ତିର ଚିନ୍ତା ଚେତନାରେ ମଧ ଆସିପାରୁ ନଥିଲା ଯେ, ଆଁହଜରତ ସ.ଅଙ୍କ ଫିଦିୟା ନେବାକୁ ଈଶ୍ୱର ନାପସନ୍ଦ କରନ୍ତି ଅଥଚ ଏପରି ସ୍ରୋତରେ ଯେଉଁ ଅର୍ଥା ପ୍ରାପ୍ତ ହେବ ତାହା ବୈଧ ଏବଂ ପବିତ୍ ବୋଲି ବିବେଚିତ କରିବେ । ସୁତରାଂ ଉକ୍ତ ବ୍ୟାଖ୍ୟା ହିଁ ଭୁଲ୍ ଅଟେ ଏବଂ ସଠିକ୍ ବ୍ୟାଖ୍ୟା ଏହା ହିଁ ଯେ, ଉକ୍ତ ଆୟତ୍‌ରେ ଏକ ନୀତି ନିର୍ଦ୍ଧାରିତ କରି ଦିଆଯାଇଛି ଯେ, ବନ୍ଦୀ ସେହି ସ୍ଥଳରେ ଧରାଯିବେ ଯେତେବେଳେ ନିୟମିତ ଯୁଦ୍ଧ ହେବ ଓ ଶତ୍ରୁ ଉପରେ ଅତର୍କିତ ଆକ୍ରମଣ କରି ତା'କୁ ପରାଜିତ କରି ଦିଆଯାଇଥିବ ।" **(ଦୁରୁସ୍ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଅପ୍ରକାଶିତ ଗ୍ରନ୍ଥ, ସୁରତୁଲ୍ ଅନ୍‌ଫାଲ୍, ରେଜିଷ୍ଟର ନଂ-36, ପୃ-୨୬୮-୨୬୯)**

ଉକ୍ତ ଆୟତ୍‌ର ହ. ଉମର୍ ର.ଅଙ୍କ ସେହି କଥା ସହିତ କୌଣସି ସଂପର୍କ ନାହିଁ ଯେ, ଫିଦାୟା ନିଆ ନଯାଉ । ପବିତ୍ର କୁରଆନ୍‌ର ବ୍ୟାଖ୍ୟାକାରୀଙ୍କ ମଧ୍ୟରୁ ଅଲ୍ଲାମା ରାଜି ର.ଅ ଓ ବିଖ୍ୟାତ ଜୀବନୀକାର ଅଲ୍ଲାମା ଶିବ୍‌ଲୀ ନୁମାନୀଙ୍କର ମଧ ଉକ୍ତ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

### ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 18-25 APRIL 2024 Issue No.-16-17

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ମତଧାରା ରହିଛି ଯାହା ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରିଛନ୍ତି । **(ତଫ୍‌ସିର୍ କବିର୍, ଅଲ୍ଲାମା ଇମାମ୍ ରାଜି, ଭାଗ-8, ଗ୍ରନ୍ଥଖଣ୍ଡ-15, ପୃ-158, ପ୍ରକାଶନ ସ୍ଥାନ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2004 ମସିହା)(ସିରତୁନ୍ ନବୀ ସ.ଅ, ଲେଖକ- ଶିବ୍‌ଲି ନୁମାନୀ, ଭାଗ-1, ପୃ-194, ପ୍ରକାଶନ ସଂସ୍ଥା-ଆର୍ ଜେଡ୍ ପିକ୍‌ଚର୍ସ ଲାହୋର, 1408 ହି.)**

ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ତତ୍‌ସମ୍ବନ୍ଧରେ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ମଦିନା ପହଞ୍ଚି ଆଁହଜରତ ସ.ଅ ବନ୍ଦୀମାନଙ୍କ ସଂକ୍ରାନ୍ତେରେ ସାହାବାମାନଙ୍କ ସହିତ ପରାମର୍ଶ କଲେ ଯେ, ସେମାନଙ୍କ (ବନ୍ଦୀମାନଙ୍କ) ପ୍ରସଙ୍ଗରେ କ'ଣ କରିବା ଉଚିତ୍? ଆରବରେ ସାଧାରଣତଃ ବନ୍ଦୀମାନଙ୍କୁ ବଧ କରି ଦିଆଯାଇଥାଏ କିମ୍ବା ସେମାନଙ୍କୁ ସ୍ଥାୟୀ ତଥା ନିୟମିତ ଦାସ କରିନେବାର ପ୍ରଥା ରହିଥିଲା । କିନ୍ତୁ ଆଁହଜରତ ସ.ଅଙ୍କ ସ୍ୱଭାବ ପକ୍ଷେ ଉକ୍ତ କଥା ଅତ୍ୟନ୍ତ କଷ୍ଟଦାୟକ ଅନୁଭବ ହେଉଥିଲା । ପୁନଶ୍ଚ ତତ୍‌ସଂକ୍ରାନ୍ତରେ ଏପର୍ଯ୍ୟନ୍ତ କୌଣସି ଐଶୀବାଣୀ ମଧ୍ୟ ଅବତୀର୍ଣ୍ଣ ହୋଇ ନଥିଲା ହ. ଅବୁ ବକର ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ଏହି ମତାମତ ରହିଛି କି ଫିଦିୟା ନେଇ ଛାଡ଼ିଦେବା ଉଚିତ୍ । କାରଣ ଏମାନେ ନିଜର ଭାଇ ବନ୍ଧୁ କୁଟୁମ୍ବ ଅଟନ୍ତି ଏବଂ ଆଶ୍ଚର୍ଯ୍ୟ କରିବାର କୌଣସି ମାନେ ନାହିଁ । କାରଣ ସେମାନଙ୍କ ମଧ୍ୟରୁ ହିଁ ଇସ୍‌ଲାମ୍ ଧର୍ମ ପାଇଁ ପ୍ରଁଣୋତ୍ସର୍ଗକାରୀ ସୃଷ୍ଟି ହେବେ । କିନ୍ତୁ ହ. ଉମର୍ ର.ଅ ଉକ୍ତ ମତାମତର ବିରୋଧ କଲେ ଏବଂ କହିଲେ, ଧର୍ମ ପ୍ରସଙ୍ଗରେ ଆତ୍ମୀୟ ସ୍ୱଜନ, ସଂପର୍କୀୟ, ଜ୍ଞାତି କୁଟୁମ୍ବର କୌଣସି ବାଛ ବିଚାର କରିବା ଉଚିତ୍ ନୁହଁ । ଉକ୍ତ ଲୋକମାନେ ନିଜର ଆଚରଣ ଦ୍ୱାରା ବଧ ହେବାର ଅଧିକାରୀ ହୋଇ ସାରିଛନ୍ତି । ଅତଏବ୍ ମୋ ମତରେ ସେହି ସମସ୍ତଙ୍କୁ କେବଳ ବଧ କରିଦେବା ଉଚିତ୍ ନୁହେଁ ବରଂ ଆହି ଆଦେଶ ଦିଆଯାଉ ଯେ, ମୁସଲମାନମାନେ ସ୍ୱହସ୍ତରୁ ନିଜ ନିଜର ସଂପର୍କୀୟମାନଙ୍କୁ ବଧ କରନ୍ତୁ । ଆଁହଜରତ ସ.ଅ ନିଜର ସ୍ୱଭାବଗତ ଦୟା ଦ୍ୱାରା ପ୍ରଭାବିତ ହୋଇ ହ. ଅବୁ ବକର ର.ଅଙ୍କ ମତକୁ ଗ୍ରହଣ କଲେ ଏବଂ ବଧ ବିରୁଦ୍ଧରେ ଏହି ନିଷ୍ପତ୍ତି ନେଲେ ଯେ, ଯେଉଁ ଅବିଶ୍ୱାସାକୀରୀମାନେ ନିଜର ଫିଦିୟା ଇତ୍ୟାଦି ସ୍ୱୟଂ ପୈଠ କରିପାରିବେ ନାହିଁ ତେବେ ସେମାନେଙ୍କୁ ମୁକ୍ତ କରିଦିଆଯାଉ। ଅତଏବ୍ ତଦନୁଯାୟୀ ପରବର୍ତ୍ତୀ ସମୟରେ ପବିତ୍ର କୁରଆନ୍ କରୀମ୍‌ରେ ଉକ୍ତ ଆଦେଶ ଅବତୀର୍ଣ୍ଣ ହେଲା । ସୁତରାଂ ଯେତେବେଳେ ଫିଦିୟା ଦେବା ସଂକ୍ରାନ୍ତରେ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଅବତୀର୍ଣ୍ଣ ହୋଇଗଲା, ଯେପରିକି ହ. ଖଲିଫତୁଲ୍ ମସିହ୍ ସାନି ର.ଅ ମଧ୍ୟ ଉଲ୍ଲେଖ କରିଛନ୍ତି, ସେତେବେଳେ ହଦିସ୍‌କୁ ଆୟୁଦ୍ଧ କରିବା ଆଁହଜରତ ସ.ଅ ଓ ହ. ଅବୁ ବକର ର.ଅଙ୍କ କାନ୍ଦିବାକୁ ବୈଧ ଏବଂ ଅନୁମତି ପ୍ରଦାନ କରିବା ବଡ଼ ବିଚିତ୍ର କଥା ପ୍ରତିତ ହୁଏ । ସେ ଯାହା ହେଉ ନା କାହିଁକି ହ. ମିର୍ଜା ବଶୀର୍ ଅହେମଦ ସାହେବ ଉଲ୍ଲେଖ କରନ୍ତି ଯେ, " ସୁତରାଂ ପ୍ରତ୍ୟେକ ବ୍ୟକ୍ତିର ଅବସ୍ଥାନୁଯାୟୀ 1000 ଦିରହମ୍‌ରୁ ନେଇ 4000 ଦିରହମ୍ ପର୍ଯ୍ୟନ୍ତ ନିଜର ଫିଦିୟା ରାଶି ଧାର୍ଯ୍ୟ କରିଦେଲା । ଏହିପରି ଭାବରେ ସମସ୍ତ ବନ୍ଦୀମାନେ ମୁକ୍ତ ହୋଇଗଲେ ।" **(ସିରତ୍ ଖାତମୁନ୍ ନବୀୟିନ, ଲେଖକ, ହ. ସାହେବ୍‌ଜାଦା ବଶୀର୍ ଅହେମଦ ସାହେବ, ଏମ୍.ଏ ର.ଅସ ପୃ-367-368)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବଦର୍ ଯୁଦ୍ଧର ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ଆସନ୍ତା ଖୁତ୍‌ବାରେ ଚର୍ଚ୍ଚା କରିବି । ନମାଜ ଜୁମା ପରେ ମୁଁ 2 ଜଣ ମୃତକଙ୍କର ନମାଜ ଯନାଜାଃ ଗାଏବ୍ ପାଠ କରିବି । ପ୍ରଥମ ଯନାଜାଃ ହେଲା ସ୍ୱର୍ଗତ ଅବ୍‌ଦୁଲ୍ ହମିଦ୍ ସାହେବ କାଠଗଡ଼ିଙ୍କର । ସ୍ୱର୍ଗତ ଅବ୍‌ଦୁଲ୍ ହମିଦ୍ ସାହେବ ମୁବଲ୍ଲିଗ୍ ସିଲସିଲା ଥିଲେ ଏବଂ ପାକିସ୍ତାନରେ ନାଏବ ନାଜିମ୍ ମାଲ୍ ୱକ୍‌ଫେ ଜଦିଦ୍ ଥିଲେ। ବିଗତ ଦିନ 70 ବର୍ଷ ବୟସରେ ତାଙ୍କର ନିଧନ ହୋଇଅଛି । اِنَّا لِلّٰہِ وَاِنَّاۤ اِلَیۡہِ رَاجِعُوۡنَ । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ ଅବ୍‌ଦୁଲ୍ ହମିଦ୍ ସାହେବ ମୁସି (ଓସିୟତ୍) କରିଥିଲେ । ସ୍ୱର୍ଗତଙ୍କ ପିତାଶ୍ରୀଙ୍କ ନାମ ଚୌଧୁରୀ ଅବ୍‌ଦୁଲ୍ ଲତିଫ୍ ସାହେବ କାଠଗଡ଼ୀ ଥିଲା ଏବଂ ପିତାଶ୍ରୀ ଅମତୁଲ୍ ଲତିଫ୍ ସାହେବା ଥିଲା । ସ୍ୱର୍ଗତ ଅବ୍‌ଦୁଲ୍ ହମିଦ୍ ସାହେବଙ୍କ ପିତାଶ୍ରୀ ମଧ୍ୟ ୱାକଫେ ଜିନ୍ଦିଗୀ (ଉତ୍ସର୍ଗୀକୃତ ଜୀବନ) ଥିଲେ ଏବଂ ଜମାଅତ୍‌ର କର୍ମଚାରୀ ଥିଲେ । ସ୍ୱର୍ଗତ ହମିଦ୍ ସାହେବଙ୍କ ପରିବାରରେ ଅହେମଦିୟତ୍ ତାଙ୍କର ଦଦା ହ. ଚୌଧୁରୀ ଅବ୍‌ଦୁଲ୍ ମନ୍ନାନ୍ ସାହେବଙ୍କ ମାଧ୍ୟମରେ ପ୍ରବିଷ୍ଟ ହୋଇଥିଲା । ମହୋଦୟ ସ୍ୱର୍ଗତ ଅବ୍‌ଦୁଲ୍ ମନ୍ନାନ୍ ଖାନ୍ ସାହେବ କାଠଗଡ଼ୀ ଓ ଦଦାଙ୍କ ବଡ଼ ଭାଇ ହ. ଚୌଧୁରୀ ଅବ୍‌ଦୁସ୍ ସଲାମ୍ ଖାନ୍ ସାହେବ କାଠଗଡ଼ୀଙ୍କ ମାଧ୍ୟମରେ ତାଙ୍କ ବଂଶରେ ଜମାଅତ୍ ଅହେମଦିୟା ପ୍ରବିଷ୍ଟ ହୋଇଥିଲା । ଉଭୟ ଦଦା 1903 ମସିହାରେ ହ. ମସିହ୍ ମଉଦ୍ ଅ.ସଙ୍କ ହସ୍ତରେ ବୈଅତ୍ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ଅବ୍‌ଦୁଲ୍ ହମିଦ୍ ଖାନ୍ କାଠଗଡ଼ୀ ସାହେବ ମେ ମାସ 1979 ମସିହାରେ ଜଣେ ମୁବଲ୍ଲିଗ୍ ଭାବରେ ସେବା କରିବାର ଶୁଭାରମ୍ଭ କରିଥିଲେ ଏବଂ ବିଭିନ୍ନ ସ୍ଥାନମାନଙ୍କରେ ସେବା କରିବାର ସାମର୍ଥ୍ୟ ଲାଭ ପାଇଥିଲେ । ଅର୍ଥାତ ପାକିସ୍ତାନରେ ଏବଂ ବହିର୍ଦେଶମାନଙ୍କରେ ମଧ୍ୟ ସେବା କରିଥିଲେ । ୱକାଲତ୍ ତବ୍‌ଶୀର୍ ଅଧୀନ 1985 ମସିହାରେ 1986 ମସିହା ପର୍ଯ୍ୟନ୍ତ ୟୁଗାଣ୍ଡାରେ ରହିଥିଲେ । ପୁନଶ୍ଚ ନିଜାମତେ ଇର୍ଶାଦ୍ ୱକ୍‌ଫେ ଜଦିଦ୍ ଅଧୀନ ବିଭିନ୍ନ ସ୍ଥାନମାନଙ୍କରେ ମୁବଲ୍ଲିଗ୍ ହିସାବରେ ସେବା କରିବାକୁ ସାମର୍ଥ୍ୟ ଲାଭ ପାଇଥିଲେ । ପୁନଶ୍ଚ 1993 ମସିହାରେ ନାଏବ୍ ନାଜିମ୍ ମାଲ୍ ୱକ୍‌ଫେ ଭାବରେ ନିଯୁକ୍ତ ହେଲ । ସ୍ୱର୍ଗତ ଉକ୍ତ ପଦବୀରେ ମୃତ୍ୟୁ ପର୍ଯ୍ୟନ୍ତ ସେବା ସମ୍ପାଦନ କରିଥିଲେ । 44 ବର୍ଷ ପର୍ଯ୍ୟନ୍ତ ଜମାଅତ୍‌ର ସେବା କରିବାକୁ ସେ ସାମର୍ଥ୍ୟ ଲାଭ ପ୍ରାପ୍ତ କରିଥିଲେ । ଅଲ୍ଲାଃତାଲା ସ୍ୱର୍ଗତ ହମିଦ୍ ସାହେବଙ୍କୁ ଏକ ପୁତ୍ର ସନ୍ତାନ ଏବଂ ଏକ କନ୍ୟା ସନ୍ତାନ ପ୍ରଦାନ କରିଥିଲେ । ତାଙ୍କର ସୁପୁତ୍ର ଡାକ୍ତର ଅବ୍‌ଦୁର୍ ରଉଫ୍ ଖାନ୍ ସାହେବ ଆଜିକାଲି ସଦର୍ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦିୟା ଡେନ୍‌ମାର୍କ ଅଟନ୍ତି । ଡାକ୍ତର ରଉଫ୍ ଖାନ୍ ସାହେବ କୁହନ୍ତି, ପିତାଶ୍ରୀ ସର୍ବଦା ନିଜର ୱକ୍‌ଫ୍ ପ୍ରତି ବିଶ୍ୱସ୍ତତା ପ୍ରଦର୍ଶନ କରିଥିଲେ । ୟୁଗାଣ୍ଡାରେ ଯେତେବେଳେ ଆପଣ ଥିଲେ ସେତେବେଳେ ସେଠାରେ ଶୀଘ୍ର ଆସିବା ଯୋଗୁଁ ସେଠାକାରେ ବିଦ୍ରୋହୀମାନେ ସରକାରଙ୍କୁ କ୍ଷମତାଚ୍ୟୁତ କରିଥିଲେ ଏବଂ ଅଣରାଷ୍ଟ୍ରର ନାଗରିକମାନଙ୍କୁ ଦେଶରୁ ବିତାଡ଼ିତ କରିଥିଲେ । ସେ ଯାହା ହେଉ ହମିଦ୍ ସାହେବଙ୍କ ସୁପୁତ୍ର କୁହନ୍ତି ଯେ, ୟୁଗାଣ୍ଡାରେ ସେବା ସମ୍ପଦାନ କରିବା ସମୟରେ ପିତାଶ୍ରୀଙ୍କୁ ସେଠାକାର ମିଶ୍‌ନାରୀ ଇନ୍‌ଚାର୍ଜ ମେହମୁଦ୍ ବି.ଟି ସାହେବ ପବିତ୍ର କୁରଆନ୍ କରୀମ୍ ପ୍ରଦାନ କରି କମ୍ପାଲା ଠାରେ ତବ୍‌ଲିଗ୍ ଉଦ୍ଦେଶ୍ୟରେ ପ୍ରେରଣ କରିଥିଲେ । ଉକ୍ତ ଅବଧି ମଧ୍ୟରେ ସେଠାକାର ଅଞ୍ଚଳରେ ସିଭିଲ୍ ୱାର୍ (ଗୃହଯୁଦ୍ଧ) ଆରମ୍ଭ ହୋଇଗଲା । ଯଦ୍ଦ୍ୱାରାକି ପିତାଶ୍ରୀ ସେଠାରୁ ସ୍ଥାନାନ୍ତରିତ ହେବା ପାଇଁ ବାଧ୍ୟ ହୋଇଗଲେ । ଉକ୍ତ ସ୍ଥାନ ପରିବର୍ତ୍ତନ ସମୟରେ ପିତାଶ୍ରୀ ଅସୁସ୍ଥ ହୋଇଗଲେ ଏବଂ ହସ୍ପିଟାଲ୍ ପାଖରେ ହେବା ଯୋଗୁଁ ଏବଂ ଔଷଧ ସହାୟତା ଉପଲବ୍ଧ ନହେବା ହେତୁ ଲୋକମାନେ ପିତାଶ୍ରୀଙ୍କୁ ସେହିଠାରେ ହିଁ ଏକ କୋଠରୀରେ ଛାଡ଼ି ଚାଲିଗଲେ । ଉକ୍ତ ଅଞ୍ଚଳରେ ବିଦ୍ରୋହୀମାନ କବ୍‌ଜା କରି ନେଇଥିଲେ । ଉପଦ୍ରବୀ ବିଦ୍ରୋହୀମାନେ ସେଠାରେ ପ୍ରତ୍ୟେକ ପାର୍ଶ୍ୱରେ ତଲାଶୀ କଲେ ଏବଂ କହିଲେ କୌଣସି ବ୍ୟକ୍ତି ଏଠାରେ ରହିଯାଇ ନାହିଁ ତ' ? ଇତି ମଧ୍ୟରେ ଜଣେ ବିଦ୍ରୋହୀ ପିତାଶ୍ରୀଙ୍କ କୋଠରୀ ମଧ୍ୟକୁ ମଧ୍ୟ ଆସିଲା ଯେଉଁଠି ହମିଦ୍ ସାହେବ ଉପସ୍ଥିତ ଥିଲେ । କିନ୍ତୁ ପିତାଶ୍ରୀ ଅସୁସ୍ଥତା ଯୋଗୁଁ ଶେଯରେ ଶୋଇଥିଲେ । ବିଦ୍ରୋହୀ ଜଣକ ପିତାଶ୍ରୀଙ୍କୁ ମୃତ ଭାବି ଛାଡ଼ିଦେଲା । ପିତାଶ୍ରୀ କୁହୁଥିଲେ ଯେ, ସେ ଝରକା ସହିତ ସଂଲଗ୍ନ ହୋଇ ତଳେ ଶୋଇଥିଲେ ଏବଂ ଝରକାରୁ ଠାଏଁ ଠାଏଁ ଗୁଳି ଆସି ସାମ୍ନା କାନ୍ଥରେ ବାଜୁଥିଲା । ଏତଦ୍‌ପରେ ପରିସ୍ଥିତି ଯେତେବେଳେ କିଛିଟା ସୁଧୁରିଲା ସେତେବେଳେ ପିତାଶ୍ରୀ କେତେକ ଜଣାଶୁଣା ଲୋକମାନଙ୍କ ସହିତ ଯୋଗାଯୋଗ କଲେ । ସେମାନେ ପିତାଶ୍ରୀ ସୁରକ୍ଷିତ ସ୍ଥାନରେ ସ୍ଥାନାନ୍ତରିତ କଲେ । ଏହିପରି ଭାବରେ ଅଲ୍ଲାଃତାଲା ପିତାଶ୍ରୀଙ୍କର ସୁରକ୍ଷା କରିଥିଲେ ।

ଖିଲାଫତ୍ ସହିତେ ପିତାଶ୍ରୀଙ୍କର ଗଭୀର ଆନ୍ତରୀକତା ଏବଂ ପ୍ରେମପୂର୍ଣ୍ଣ ସଂପର୍କ ଥିଲା । ଅତ୍ୟନ୍ତ ସରଳ ଏବଂ ମେଳାପୀ ସ୍ୱଭାବର ବ୍ୟକ୍ତି ଥିଲେ । ଉପସ୍ଥିତ ଖଲିଫାଙ୍କ ଖୁତ୍‌ବାତ୍‌ରେ ଯାହା କିଛି ନିର୍ଦ୍ଦେଶାବଳୀ ରହୁଥିଲା, ଆପଣ ଖଲିଫାଙ୍କ ପ୍ରତ୍ୟେକ ଆଦେଶବଳୀକୁ ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ । କୌଣସି ଅର୍ଥ ବାହାର କରୁ ନଥିଲେ । ଯେକେହି ଖଲିଫାଙ୍କ ଆଦେଶବାଳୀର କୌଣସି ଅର୍ଥ କରୁଥିଲା କି ଖଲିଫାଙ୍କ କହିବାର ଏହି ଅର୍ଥ ବା ଏହି ତାତ୍ପର୍ଯ୍ୟ ରହିଛି କିମ୍ବା ଏହି ଉଦ୍ଦେଶ୍ୟ ରହିଛି ତେବେ ସେପରିପ୍ରେକ୍ଷୀରେ ଆପଣ ଉକ୍ତ ବ୍ୟକ୍ତି ଉପରେ ଉତ୍‌କ୍ଷିପ୍ତ ତଥା ଅସନ୍ତୁଷ୍ଟ ହେଉଥିଲେ । ପୁନଶ୍ଚ ସ୍ୱୟଂ ପିତାଶ୍ରୀ ପଦାଧିକାରୀମାନଙ୍କର ଏବଂ ମୁବଲ୍ଲିଗିନ୍‌ମାନଙ୍କୁ ସମ୍ମାନ ଜଣାଉଥିଲେ ଏବଂ ମୋତେ ମଧ୍ୟ ସମ୍ମାନ ଜଣାଇବା ପ୍ରତି ଅନୁପ୍ରାଣିତ କୁରଥିଲେ । ସ୍ୱର୍ଗତ ହମିଦ୍ ସାହେବଙ୍କର ସୁପୁତ୍ର କୁହନ୍ତି, ମୁଁ ଯେତେବେଳେ ଅତ୍‌ଫାଲୁଲ୍ ଅହେମଦିୟା **(ଅବଶିଷ୍ଟାଂଶ..... ପରବର୍ତ୍ତୀ ସଂଖ୍ୟାରେ)**

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan